

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:79+ 11 July 2026 (Saturday)+Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୭୯+୧୧ ଜୁଲାଇ ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


# ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ସମୀକ୍ଷା ବୈଠକ

## ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ବରିଷ୍ଠ ଆଇପିଏସ୍ ନିୟୋଜିତ



ଭୁବନେଶ୍ୱର,୧୦/୭(ନି/ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରଥଯାତ୍ରା ପାଇଁ ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକର ସମୀକ୍ଷା କରିଛନ୍ତି । ବୈଠକରେ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୬ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପରେ ଆଜି ଆଉ ଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି । ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ । ସମନ୍ୱୟ ବା କୋ-ଅର୍ଡିନେସନ ଉପରେ ପୁନର୍ବାର ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରତ୍ୟେକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତି ତଥା ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବା ପାଇଁ ନିରନ୍ତର ସୂଚନା ପ୍ରଦାନର ବ୍ୟବସ୍ଥା ରହିବା ଆବଶ୍ୟକ । କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନ ରୁହେ, ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଚଂ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ହଜାର ପୋଲିସ ତଥା ଉଇଚର୍ର କର୍ମଚାରୀ ମୁତୟନ କରାଯାଇଛି । ଏହାସହିତ ଉକ୍ଟବସ୍ଥ୍ୱ ଏଙ୍କବକ୍ସ୍ୟ ଓ ଓଭୟସବଭ ଘବଙ୍ଖଚ ମଧ୍ୟ ସଜାଗ ଅଛନ୍ତି । ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି । ସେହିପରି ୪୭୩ଉଉଞ୍ଚଠ ଉବଙ୍ଗରକ୍ସ୍ବ ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ ଖରଉ ଝମକ୍ସରରଭ ର ବ୍ୟବସ୍ଥା କରାଯାଇଛି । ଓଡିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ । ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି । ସୂଚନା ପ୍ରଦାନ ପାଇଁ ଏଥରକ ଇଙ୍କକ୍ଷଲ ଗରସ୍ବ୍ୱବଶସଭଶର ବ୍ୟବସ୍ଥା ମଧ୍ୟ କରାଯାଇଛି । ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ଐରକ୍ଷକ୍ତ୍ର ଉରସ୍ବଳର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

# ସାରା ଦେଶକୁ ଛୁଇଁଲା ମୌସୁମୀ ବାୟୁ

## ଉତରରୁ ଦକ୍ଷିଣ ସବୁଠି ବର୍ଷା ବିପ୍ରାତ



ନୂଆଦିଲ୍ଲୀ,୧୦/୭: ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସମଗ୍ର ଦେଶକୁ ଛୁଇଁଛି । ପାଣିପାଗ ବିଭାଗ (ଆଇଏମ୍ଡି)ର ସୂଚନା ଅନୁସାରେ ଅବଶିଷ୍ଟ ଉତ୍ତର ଆରବ ସାଗର, ରାଜସ୍ଥାନ, ପଞ୍ଜାବ ଓ ହରିୟାଣାକୁ ଗତକାଲି ମୌସୁମୀ ଅଗ୍ରସର ହୋଇଥିଲା । ଫଳରେ ଗୋଟିଏ ଦିନ ବିଳମ୍ବରେ ଆଜି (ଜୁଲାଇ ୯) ତାହା ସମଗ୍ର ଦେଶକୁ ସ୍ପର୍ଶ କରିଛି । ସାଧାରଣତଃ ମୌସୁମୀ ଜୁଲାଇ ୮ ତାରିଖ ସୁଦ୍ଧା ସମଗ୍ର ଦେଶକୁ ସ୍ପର୍ଶ କରିଥାଏ । ରାଜଧାନୀ ଦିଲ୍ଲୀ ସମେତ ନୋଏଡା, ମଥୁର, ମିରଟ, ବୁଲନ୍ଦସହର ଓ ଗାଜିଆବାଦରେ ପ୍ରବଳ ବର୍ଷା ହୋଇଛି । ଆଜି ହରିୟାଣା, ଦିଲ୍ଲୀ, ଚଣ୍ଡିଗଡ ଓ ପଶ୍ଚିମ ଉତରପ୍ରଦେଶର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସେପଟେ କେରଳ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରାଖଣ୍ଡ ଓ ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ହୋଇଛି । ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିବା ସହ ମାଟି ଅତଡା ଧସିଛି । ଅନେକ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆଜି କେରଳ, ମହାରାଷ୍ଟ୍ର, ଗୁଜରାଟ ଓ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି । ସେ ସମ୍ପୃକ୍ତ ରାଜ୍ୟରେ ବର୍ଷା ଓ ବନ୍ୟା ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପଚାରି ବୁଝିଛନ୍ତି । ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପରାମର୍ଶ ଦେଇଛନ୍ତି । ଏଥିସହ କେନ୍ଦ୍ର ସରକାର ସେମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବାକୁ ମଧ୍ୟ ଶାହ ପ୍ରତିଶ୍ରୁତି ଦେଇଛନ୍ତି । ଉତ୍ତରାଖଣ୍ଡର ଉତ୍ତରକାଶୀରେ ନାଲୁପାନୀ ଓ ଯମୁନୋତ୍ରୀ ଜାତୀୟ ରାଜପଥରେ ଭୂସ୍ଖଳନ ଘଟିଛି । ରାସ୍ତାରେ ବଡବଡ ପଥର ଖସିଛି । ଫଳରେ ୧ ହଜାରରୁ ଅଧିକ ତୀର୍ଥଯାତ୍ରୀ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି । ଟିହରି ଅଂଚଳ ଜାତୀୟ ରାଜପଥ ୭୦୭ରେ ଭୂସ୍ଖଳନ ହେବାରୁ କେତେକ ଘର ଭୁଶୁଡି ପଡିଛି ।

# ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ପଂଚମ କିସ୍ତି




ଭୁବନେଶ୍ୱର,୧୦/୭(ନି/ପ୍ର): ରାକ୍ଷୀ ପୂର୍ଣ୍ଣିମା ବଟାଂ ହେବ ସୁଭଦ୍ରା ପଂଚମ କିସ୍ତି । ଏନେଇ ପ୍ରକ୍ରିୟ ଶେଷ ପର୍ଯ୍ୟାୟରେ ପହଂଚିଛି । ୨୦୨୬- ୨୭ ବର୍ଷରେ ସୁଭଦ୍ରା ପାଇଁ ୩ ଲକ୍ଷ ୧୭ ହଜାର ୯୬୬ ଜଣ ନୂଆ ହିତାଧିକାରୀ ଯୋଜନାରେ ସାମିଲ ପାଇଁ ଆବେଦନ କରିଛନ୍ତି । ୮୨ ହଜାର ୩୬ ଜଣଙ୍କର ଡିବିଟି ସକ୍ରିୟ ପାଇଁ କୁହାଯାଇଛି । ୨୮ ହଜାର ୬୧୧ ଜଣଙ୍କର ବାୟୋମେଟ୍ରିକ ର-କଣଉ ହୋଇନି । ଜୁଲାଇ ୨୫ ତାରିଖ ସୁଦ୍ଧା ସମସ୍ତଙ୍କର ଫିଲ୍ଡ ଇନକ୍ୱାରୀ ସରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ଲୋକସେବା ଭବନରେ ସୁଭଦ୍ରା ଯୋଜନାର ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ି ସୂଚନା ଦେଇଛନ୍ତି ।ସୂଚନା ଅନୁଯାୟୀ, ନୂଆ ଆବେଦନକାରୀ ଡିବିଟି, ଇ-କେୱାଇସି, ଫିଲଡ୍ ଭେରିଫିକେସନ ଏବଂ ବ୍ୟାଙ୍କ ଲିଙ୍କ୍ ନେଇ ଯେଉଁ ସମସ୍ୟା ରହିଛି । ଜୁଲାଇ ୨୫ ତାରିଖ ପୂର୍ବରୁ ତାର ଇନକ୍ୱାରୀ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୮୨ହଜାର ୩୬ଜଣଙ୍କ ଡିବିଟି ଆକ୍ଟିଭ୍ କରିବା, ୨୮ହଜାର ୬୨୧ଜଣଙ୍କ ବାୟୋମେଟ୍ରିକ ର-କଣଉ ଏବଂ ୩ଲକ୍ଷ ୫୩ହଜାର ୫୯ଜଣଙ୍କ ଫିଲଡ୍ ଏନକ୍ୱାରୀ ସମ୍ବନ୍ଧୀୟ ମାମଲା ସାରିବାକୁ କୁହାଯାଇଛି । ସେହିଭଳି ବ୍ଲକସ୍ତରୀୟ କମିଟି, ଜିଲ୍ଲା କମିଟି ଏହାର ତଦନ୍ତ କରି ରିପୋର୍ଟ ଦେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଜୁଲାଇ ୨୫ ତାରିଖ ଭିତରେ ଫିଙ୍ଗର ପ୍ରିଂଟ ଦେଇ ଆବେଦନ ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହା ପୂର୍ବରୁ ଯେଉଁମାନଙ୍କର ୫ ଏକର ଜମି ନାହିଁ, କିନ୍ତୁ ସେମାନେ ଯୋଜନାରୁ ବାଦ ପଡିଛନ୍ତି ଏବେ ସେମାନେ ଫିଲଡ୍ ତଦନ୍ତରେ ଅଭିଯୋଗ କରିପାରିବେ । ପ୍ରଥମରୁ ଯଦି ଆବେଦନ କରିଥିବେ ଏବଂ କୌଣସି କିସ୍ତି ପାଇ ନଥିବେ ତାହେଲେ ସେମାନେ ଯୋଗ୍ୟ ବିବେଚିତ ହେଲେ ଏକକାଳୀନ ୫ଟି କିସ୍ତିର ଟଙ୍କା ପାଇବେ ।

# ଏପ୍ରିଲ, ମେ'ରେ ପଚାଂୟତ ନିର୍ବାଚନ !



ଭୁବନେଶ୍ୱର,୧୦/୭(ନି/ପ୍ର): ଏପ୍ରିଲ, ମେ'ରେ ପଚାଂୟତ ନିର୍ବାଚନ । ଏନେଇ ଶୁକ୍ରବାର ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ ଦାସ । ଏଥର ସାମାନ୍ୟ ବିଳମ୍ବ ହେବ ପଚାଂୟତ ନିର୍ବାଚନ । ଏସଆଇଆର କାମ ମାର୍ଚ୍ଚ ପ୍ରଥମ ସପ୍ତାହ ଯାଏଁ ହେବ ବୋଲି ସେ କହିଛନ୍ତି । ପଚାଂୟତ, ପୌର ନିର୍ବାଚନ ପାଇଁ ଆରଡିସି ଓ ଜିଲାପାଳଙ୍କ ସହ ବୈଠକ ହୋଇଛି । ଆସନ୍ତା ୨୧ ତାରିଖରେ ରୁଟିନ୍ ବୈଠକ ହେବ । ଏଥର ଡୋର ଟୁ ଡୋର୍ ଭିଜିଟ୍ କରି ଭୋଟର ଲିଷ୍ଟ ପ୍ରସ୍ତୁତ କରାଯିବ । ୬୭୯୪ ପଚାଂୟତରେ ୯୧ ହଜାର ୯୩୦ ୱାର୍ଡ ବୁଥ୍ ରହିଛି ।

# ୧୪ ଜୁଲାଇରେ ମହାକାଶ ଯିବେ ଭାରତୀୟ ବଂଶୋଦ୍ଭବ ନାସା ମହାକାଶଯାତ୍ରୀ ଅନିଲ ମେନନ୍



ୱାସିଂଟନ,୧୦/୭:ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶଚାରୀ ଭାରତୀୟ ବଂଶୋଦ୍ଭବ ଅନିଲ ମେନନ୍ ଇତିହାସ ରଚିବାକୁ ଯାଉଛନ୍ତି । ଅନିଲ ମେନନ ଜୁଲାଇ ୧୪ ତାରିଖରେ ପ୍ରଥମ ଥର ପାଇଁ ଆର୍ନ୍ତଜାତିକ ସ୍ପେଶ୍‌ଷ୍ଟେସନ (ଆଇଏସ୍ଏସ୍) ଯିବେ । ୪୯ ବର୍ଷୀୟ ମେନନ୍ ରୁଷୀୟ ମହାକାଶଚାରୀ ପ୍ୟୋତ୍ର ଡୁବ୍ରୋଭ ଓ ଆନ୍ନା କିକିନାଙ୍କ ସହ କାଜାଖସ୍ତାନର ବୈକୋନୁର କସମୋଡ୍ରୋମରୁ ରୋସକସମସ୍ ସୋୟୁଜ୍ ଏମ୍ଏସ୍-୨୯ ମହାକାଶଯାନରୁ ଉଡ଼ାଣ କରିବେ । ଏହି ମିଶନ ପ୍ରାୟ ଆଠ ମାସ ପର୍ଯ୍ୟନ୍ତ ଚାଲିବ ।ମିନିଆପୋଲିସରେ ଭାରତୀୟ ଓ ୟୁକ୍ରେନୀୟ ପ୍ରବାସୀ ପିତାମାତାଙ୍କଠାରୁ ଜନ୍ମିତ ମେନନ ଚିକିତ୍ସା, ସାମରିକ ଓ ମାନବ ମହାକାଶ ଉଡ଼ାଣ କ୍ଷେତ୍ରରେ କ୍ୟାରିଅର ଗଢ଼ିଛନ୍ତି । ଆମେରିକା ବାୟୁସେନାରେ କାର୍ଯ୍ୟ କରୁଥିବା ସମୟରେ ମେନନଙ୍କୁ 'ଅପରେସନ ଏଣ୍ଡ୍ୟୁରିଂ ଫ୍ରିଡମ' ଆଫଗାନିସ୍ତାନରେ ନିୟୋଜିତ କରାଯାଇଥିଲା । ମାଉଂଟ ଏଭରେଷ୍ଟରେ ପର୍ବତାରୋହୀମାନଙ୍କୁ ଚିକିତ୍ସା ସେବା ଯୋଗାଉଥିବା ହିମାଳୟାନ ରେସକ୍ୟୁ ଆସୋସିଏସନ ସହିତ ମଧ୍ୟ କାମ କରିଥିଲେ । ମେନନ୍ ରୋଟାରୀ ଆମ୍ବାସାଡୋରିଆଲ୍ ସ୍କଲାର ଭାବରେ ଭାରତରେ ଗୋଟିଏ ବର୍ଷ ବିତାଇଥିଲେ ଓ ପୋଲିଓ ଟିକାକରଣ ପଦକ୍ଷେପରେ ସାମିଲ ଥିଲେ । ୨୦୧୮ରେ ସ୍ପେଶ୍ଏକ୍ସରେ ଯୋଗ ଦେବା ପୂର୍ବରୁ ମେନନ୍ ଫ୍ଲାଇଟ ସର୍ଜନ ଭାବେ ୨୦୧୪ରେ ନାସାରେ ଯୋଗଦେଇଥିଲେ । ଡିସେମ୍ବର ୨୦୨୧ରେ ନାସା ମହାକାଶଚାରୀ ଭାବରେ ମନୋନୀତ ହେବା ପରେ ମେନନ ତାଙ୍କର ପ୍ରଥମ ମହାକାଶ ଉଡ଼ାଣରେ ନିଯୁକ୍ତ ହେବା ପୂର୍ବରୁ ଦୁଇ ବର୍ଷର ମହାକାଶଚାରୀ ତାଲିମ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ । ମେନନ୍‌ଙ୍କ ପତ୍ନୀ ଆନ୍ନା ମେନନ (ୱେଲହେମ୍) ମଧ୍ୟ ଜଣେ ମହାକାଶଚାରୀ । ମେନନ୍ ଏହି ୮ ମାସର ମିଶନରେ ମାନବ ଶରୀର ଉପରେ ଦୀର୍ଘକାଳୀନ ମହାକାଶଯାତ୍ରାର ପ୍ରଭାବ, ରକ୍ତ ସଂଚାଳନ, ଧମନୀର ସଂରଚନା ଓ ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ଅଧୀନରେ ରକ୍ତ ଗଠନରେ ପରିବର୍ତ୍ତନ ଉପରେ ଅଧ୍ୟୟନ କରିବେ ।

# ଉତର ପ୍ରଦେଶ ଓ ଉତରାଖଣ୍ଡରେ ପ୍ରବଳ ବର୍ଷା ଓ ଭୂସ୍ଖଳନ : ବର୍ଷା ଯୋଗୁ ୧୦ ମୃତ



ନୂଆଦିଲ୍ଲୀ,୧୦/୭: ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ସାରା ଦେଶକୁ ଛୁଇଁଥିଲା । ମୌସୁମୀ ବାୟୁକୁ ସମଗ୍ର ଦେଶରେ ପହଚଂିବାକୁ ୩୮ ଦିନ ଲାଗିଥାଏ । ତେବେ ଏଥର ୩୬ ଦିନରେ ମୌସୁମୀ ସାରା ଦେଶରେ ପହଚଂିବା ସହିତ ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଆଣିଛି । ସାରା ଦେଶରେ ଗୁରୁବାର ବର୍ଷାଜନିତ କାରଣରୁ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଉତ୍ତରାଖଣ୍ଡର ଉତ୍ତରକାଶୀର ସାୟନାଚଟି ନିକଟରେ ଯମୁନୋତ୍ରୀ ହାଇୱେ ଓ ନାଲୁପାଣି ନିକଟରେ ଗଙ୍ଗୋତ୍ରୀ ହାଇୱେ ଭୂସ୍ଖଳନ ଯୋଗୁଁ ବନ୍ଦ ରହିଛି । ଯମୁନୋତ୍ରୀ ମାର୍ଗ ବନ୍ଦ ହେବା ଯୋଗୁଁ ପ୍ରାୟ ୧,୦୦୦ ତୀର୍ଥଯାତ୍ରୀ ଫସି ରହିଛନ୍ତି । ୧୦ଟି ଜିଲ୍ଲାରେ ବର୍ଷା ଯୋଗୁଁ ସ୍କୁଲଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି । ପଥର ଖସିବା ଯୋଗୁଁ ପିଥୋରାଗଡ଼ର ଆଦି କୈଳାସ ମାର୍ଗ ବନ୍ଦ ରହିଛି । ହରିଦ୍ୱାରରେ ରାସ୍ତାଗୁଡ଼ିକ ଉପରେ ୩ ରୁ ୪ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଉତ୍ତର ପ୍ରଦେଶର ୬୯ ସହରରେ ଗୁରୁବାର ବର୍ଷା ହୋଇଛି । ଗୁରୁବାର ଉତର ପ୍ରଦେଶରେ ବର୍ଷା ସମ୍ପର୍କିତ ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଛି । କୁଶିନଗରରେ ବଜ୍ରପାତରେ ଜଣେ ୧୪ ବର୍ଷୀୟ ବାଳକ ପ୍ରାଣ ହରାଇଛି । ସନ୍ଥ କବୀର ନଗରରେ ପୃଥକ ବଜ୍ରପାତ ଘଟଣାରେ ଦୁଇ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି । ବୁଲନ୍ଦସରରେ ମସଜିଦ୍‌ର କାନ୍ଥ ଭୁଶୁଡ଼ି ପଡ଼ି ଗୋଟିଏ ପରିବାରର ୨ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଗାଜିଆବାଦରେ ବର୍ଷା ପାଣିରେ ପଡ଼ି ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ହୋଇଛି । ରାଜସ୍ଥାନର ଧୋଲପୁରରେ ବର୍ଷା ଯୋଗୁଁ ଏକ ଘର ଭୁଶୁଡ଼ି ପଡ଼ିବାରୁ ଛଅ ଜଣ ଲୋକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଛନ୍ତି । ଆଜମେରର କିଶନଗଡ଼ରେ ମଧ୍ୟ ଏକ ମାଟି ଘର ଭୁଶୁଡ଼ି ପଡ଼ିବାରୁ ବାପା, ମା ଓ ପିଲା ପୋତି ହୋଇଯାଇଛନ୍ତି । ରାଜ୍ୟରେ ଛଅଟି ଟ୍ରେନ୍ ବାତିଲ କରାଯାଇଛି ଓ ଅନେକ ଟ୍ରେନ୍ ମଧ୍ୟ ବିଳମ୍ବରେ ଚଳାଚଳ କରୁଛି । ସୁରତରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବନ୍ୟାଜଳ ଗୁରୁବାର ଧୀରେ ଧୀରେ କମିବାରେ ଲାଗିଛି । ତଥାପି ସହରରୁ ଆହୁରି ଛଅଟି ମୃତଦେହ ଉଦ୍ଧାର କରାଯାଇଛି, ଗତ କିଛି ଦିନ ମଧ୍ୟରେ ବର୍ଷା ସମ୍ପର୍କିତ ଘଟଣାରେ ଗୁଜରାଟରେ ୧୭ ଜଣଙ୍କର ଜୀବନ ଯାଇଥିବା ପିଟିଆଇ ରିପୋର୍ଟ କରିଛି । ଶୁକ୍ରବାର ଉତ୍ତରାଖଣ୍ଡରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଅଳକନନ୍ଦା ଓ ମନ୍ଦାକିନୀ ନଦୀରେ ପ୍ରବଳ ଜଳ ପ୍ରବାହିତ ହେଉଥିବାରୁ ରୁଦ୍ରପ୍ରୟାଗ ଜିଲ୍ଲାରେ ସ୍କୁଲଗୁଡ଼ିକୁ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ବାଧ୍ୟ ହୋଇଛନ୍ତି ଓ ନଦୀର ଜଳସ୍ତର ଉପରେ ନଜର ରଖିଛନ୍ତି । ହିମାଚଳ ପ୍ରଦେଶରେ ବର୍ଷା ଯୋଗୁ ଗୁରୁବାର ସନ୍ଧ୍ୟା ସୁଧା ୭୫ଟି ରାସ୍ତା ବନ୍ଦ ରହିଥିଲା । ବର୍ଷା ଓ ଭୂସ୍ଖଳନ ପ୍ରଭାବିତ ମହାରାଷ୍ଟ୍ର ଓ କେରଳରେ ଶୁକ୍ରବାର ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି । କେରଳର ୱାୟନାଡରେ ଭୂସ୍ଖଳନ ଯୋଗୁ ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ଶୁକ୍ରବାର ମଧ୍ୟ ନିଖୋଜଙ୍କ ସନ୍ଧାନ ପାଇଁ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି ।

# ପିଓକେ ବିଦ୍ରୋହରେ ନିର୍ଣ୍ଣାୟକ ମୋଡ଼ :

## ୩୮ ଦଫା ଦାବି, ୪୮ ଘଟାଂର ଚେତାବନୀ



ମୁଜାଫରାବାଦ,୧୦/୭: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଏବେ ବଡ଼ ଧରଣର ଗଣବିଦ୍ରୋହ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଅଂଚଳର ପ୍ରମୁଖ ନାଗରିକ ଅଧିକାର ସଂଗଠନ 'ଜମ୍ମୁ କାଶ୍ମୀର ଜଏଂଟ ଆୱାମୀ ଆକ୍ସନ କମିଟି' (ଜେଏଏସି) ପକ୍ଷରୁ ନିଜର ୩୮ ଦଫା ଦାବି ପୂରଣ ପାଇଁ ପାକିସ୍ତାନ ସରକାରଙ୍କୁ ୪୮ ଘଟାଂର ଚରମ ଚେତାବନୀ ଦିଆଯାଇଛି । ଦାବି ପୂରଣ ନହେଲେ ଆନ୍ଦୋଳନର ନିର୍ଣ୍ଣାୟକ ପର୍ଯ୍ୟାୟ ଆରମ୍ଭ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି । ଜୁଲାଇ ୨୭ ତାରିଖରେ ହେବାକୁ ଥିବା ଆଂଚଳିକ ନିର୍ବାଚନ ପାଇଁ ଜୁନ ୯ରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଜେଏଏସି ପକ୍ଷରୁ ମୁଜାଫରାବାଦ ଅଭିମୁଖେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରାଯାଉଛି । ଏହା ବିଗତ କିଛି ବର୍ଷ ମଧ୍ୟରେ ସେଠାକାର ସବୁଠାରୁ ବଡ଼ ରାଜନୈତିକ ସଂଘର୍ଷର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି । ଏହି ସାମ୍ପ୍ରତିକ ଆନ୍ଦୋଳନର ମୂଳ କାରଣ ହେଉଛି ପାକିସ୍ତାନରେ ରହୁଥିବା କାଶ୍ମୀର ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ଥିବା ୧୨ଟି ବିଧାନସଭା ଆସନର ଉଚ୍ଛେଦ ଦାବି । ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଆସନଗୁଡ଼ିକ ଜରିଆରେ ପାକିସ୍ତାନ ସରକାର ପିଓକେ ରାଜନୀତିରେ ଅଯଥା ହସ୍ତକ୍ଷେପ କରୁଛନ୍ତି । ତଥ୍ୟ ଅନୁଯାୟୀ, ପାକିସ୍ତାନରେ ଥିବା ଏହି ୧୨ଟି ଶରଣାର୍ଥୀ ଆସନ ପାଇଁ ମାତ୍ର ୪.୩୬ ଲକ୍ଷ ପଞ୍ଜୀକୃତ ଭୋଟର ଥିବା ବେଳେ ପିଓକେରେ ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ୩୩ଟି ସିଧାସଳଖ ଆସନ ପାଇଁ ପ୍ରାୟ ୩୩ ଲକ୍ଷ ଭୋଟର ଅଛନ୍ତି । ଏହାଦ୍ୱାରା ଶରଣାର୍ଥୀ ଭୋଟରଙ୍କୁ ଅଧିକ ଗୁରୁତ୍ୱ ମିଳୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ, ପିଓକେର ସର୍ବୋଚ୍ଚ ଅଦାଲତ ନିକଟରେ ଶୁଣାଣି କରି କହିଛନ୍ତି ଯେ ଏହି ସଂରକ୍ଷିତ ଆସନଗୁଡ଼ିକ ସାମ୍ବିଧାନିକ ଭାବେ ସୁରକ୍ଷିତ, ତେଣୁ ଏହାକୁ କୌଣସି ସରକାରୀ ନିର୍ଦ୍ଦେଶନାମା ଦ୍ୱାରା ଉଚ୍ଛେଦ କରାଯାଇପାରିବ ନାହିଁ । ଶରଣାର୍ଥୀ ଆସନ ବିବାଦ ତତ୍କାଳୀନ କାରଣ ସାଜିଥିଲେ ହେଁ, ଜେଏଏସିର ୩୮ ଦଫା ଦାବିପତ୍ରରେ ଗଭୀର ଅର୍ଥନୈତିକ ସଙ୍କଟ ପ୍ରମୁଖ କାରଣ ରହିଛି ।

# ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ପ୍ରଧାନମନ୍ତ୍ରୀ ମୋଦୀ



କାନବେରା,୧୦/୭:ଅଷ୍ଟ୍ରେଲିଆ ଗସ୍ତ ସମୟରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍ସିଜି)ରେ ପହଚଂିଛନ୍ତି, ଯେଉଁଠାରେ ସେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନନ୍ଥନି ଆଲବାନିଜ୍ ସହିତ ମଟଂ ସେୟାର କରିଛନ୍ତି । ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ଥାନୀୟ ଯୁବ ଖେଳାଳି ଏବଂ ପ୍ରବାସୀ ଭାରତୀୟଙ୍କ ସହିତ ଉତ୍ସାହର ସହିତ ଆଲୋଚନା କରିଛନ୍ତି । ଅଟୋଗ୍ରାଫ୍ ଏବଂ କ୍ରିକେଟ୍ ଜର୍ସିରେ ସ୍ୱାକ୍ଷର କରିଥିଲେ । ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ମାସ୍କଟ୍ ରୁବି ଦିରୁଙ୍କୁ ଭେଟିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଯୁବ କ୍ରିକେଟର୍ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଜର୍ସିରେ ହସ୍ତାକ୍ଷର କରିଥିଲେ । ଦର୍ଶକଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତ ଏବଂ ଅଷ୍ଟ୍ରେଲିଆ କ୍ରୀଡା କ୍ଷେତ୍ରରେ ପରସ୍ପରକୁ ସମର୍ଥନ ଏବଂ ବିକାଶ କରିବେ । ସେ ଏହା ମଧ୍ୟ କହିଥିଲେ ଯେ ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ବିଡ୍ କରିବ । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନନ୍ଥନି ଆଲବାନିଜ୍ ମଧ୍ୟ ଭାରତର ଅଲିମ୍ପିକ୍ସ ସ୍ୱପ୍ନକୁ ସମର୍ଥନ କରିଛନ୍ତି । ୨୦୨୯ ମଧ୍ୟଭାଗରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ୨୦୩୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ପାଇଁ ଆୟୋଜକ ସହର ଚୟନ କରିବ । ବର୍ତ୍ତମାନ ଭାରତ ଏବଂ କାତାର ଏହି ଦୌଡ଼ରେ ଆଗୁଆ ଅଛନ୍ତି । ଭାରତ ଅହମଦାବାଦକୁ ପ୍ରାଥମିକ ଆୟୋଜକ ସହର ଭାବରେ ପ୍ରସ୍ତାବ ଦେଇଛି ଏବଂ ଏହାର ଦାବିକୁ ମଜବୁତ କରିବା ପାଇଁ ଅନେକ ବିଶ୍ୱସ୍ତରୀୟ କ୍ରୀଡା ଇଭେଂଟ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି । ଉଭୟ ଦେଶ ବିଗ୍ ବସ୍ ଲିଗ୍ ସମ୍ପର୍କରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ବିଗ୍ ବ୍ୟାସ୍ ଲିଗ୍‌ର କିଛି ପ୍ରାରମ୍ଭିକ ମ୍ୟାଚ୍ ଚଳିତ ବର୍ଷ ଡିସେମ୍ବରରେ ଭାରତରେ ଅନୁଷ୍ଠିତ ହେବ । ଏହି ଲିଗ୍ ଆଇପିଏଲ୍ ପରି ଏକ ଫ୍ରାଂଚାଇଜ୍ ଲିଗ୍ ଏବଂ ଏହାର ଉଦଘାଟନୀ ମ୍ୟାଚ୍ ଚେନ୍ନାଇରେ ଅନୁଷ୍ଠିତ ହେବ । ଭାରତ ପ୍ରଥମ ଥର ପାଇଁ କୌଣସି ବିଦେଶୀ ଲିଗ୍ ଆୟୋଜନ କରିବ ।




କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# କେନ୍ଦୁଝର ଜିଲ୍ଲା ପରିଷଦର ଦଶମ ଅଧିବେଶନ:

## ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଜନହିତକର ଯୋଜନାର ସମୀକ୍ଷା



କେନ୍ଦୁଝର,୧୦/୭(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଆଜି ଷଷ୍ଠ ଜିଲ୍ଲା ପରିଷଦର ଦଶମ ଅଧିବେଶନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗାଭୂଷଣ ଯୋଗଦେଇ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ପ୍ରଗତିଶୀଳ ପ୍ରକଳ୍ପ ଓ ସରକାରୀ ଜନହିତକର ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିବା ସହ ଏହାର ସଫଳ ରୂପାୟନ ଉପରେ ସବିଶେଷ ସମୀକ୍ଷା କରିଥିଲେ।। ବୈଠକରେ ଜିଲ୍ଲାରେ ଚାଲିଥିବା ଖଣି କାର୍ଯ୍ୟ ଏବଂ ଏହି ବର୍ଷ ପାଇଁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ବିବରଣୀ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ବ୍ୟାପକ ସୁବିଧା ଏବଂ ଚାଷଜମିକୁ ଜଳସେଚନ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ, କୃଷକ ବିକାଶ ଯୋଜନା ଅଧୀନରେ ନୂତନ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା ।ବାସୁଦେବପୁର ଗ୍ରାମରେ ଚାଲିଥିବା କାନୂପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବା ପାଇଁ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାରେ ବିଭିନ୍ନ ନୂଆ ରାସ୍ତା ଓ ସେତୁ ତିଆରି ପାଇଁ ସରକାରୀ ପାଣ୍ଠିର ସଠିକ୍ ଉପଯୋଗ ଉପରେ ସମୀକ୍ଷା କରାଯାଇଥିଲା ।କାଞ୍ଜିଅଶୂଳା-ତୁରୁମୁଙ୍ଗା ରାସ୍ତାର ନେଉଳଯୋଡି ନାଳ ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏବଂ ଘଟଗାଁ ଅଂଚଳରେ କେତେକ ନୂଆ ଉନ୍ନୟନମୂଳକ କାମ ପାଇଁ ସରକାରୀ ପାଣ୍ଠି ଓ ମଞ୍ଜୁରୀ ମିଳିବା ସମ୍ପର୍କରେ ଆଲୋଚନା ହୋଇଥିଲା ।ଗ୍ରାମଗୁଡ଼ିକରେ ନଳକୂପ, ପାଇପ୍ ପ୍ରକଳ୍ପ ଏବଂ ସୋଲାର ସିଷ୍ଟମ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଅନେକ ଗ୍ରାମକୁ 'ହର ଘର ଜଲ' ଗ୍ରାମ ଭାବେ ଘୋଷଣା କରିବାକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଦୁର୍ଗମ ଅଂଚଳରେ ମାତୃ ମୃତ୍ୟୁହାର କମାଇବା ଏବଂ ରୋଗୀଙ୍କୁ ମେଡିକାଲ ଆଣିବା ପାଇଁ 'ବାଇକ ଆମ୍ବୁଲାନ୍ସ' ସେବାକୁ ଅଧିକ ସକ୍ରିୟ, ଜିଲ୍ଲାର ପ୍ରମୁଖ ଘରୋଇ ମେଡିକାଲଗୁଡ଼ିକୁ 'ଆୟୁଷ୍ମାନ ଭାରତ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା'ରେ ସାମିଲ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏବଂ କିଡନୀ ରୋଗୀଙ୍କ ପାଇଁ ବଡ଼ବିଲ, ଆନନ୍ଦପୁର ଏବଂ ଚମ୍ପୁଆ ମେଡିକାଲରେ ନୂଆ ଡାଏଲିସିସ ମେସିନ୍ ସବୁ ଚାଲୁ ରଖିବା ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିବା ସହ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଏବଂ 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା'ରେ ଖାଦ୍ୟଶସ୍ୟ ଓ ରନ୍ଧନ ଖର୍ଚ୍ଚ ଯୋଗାଇ ଦିଆଯାଉଛି। ହାଇସ୍କୁଲ ପରୀକ୍ଷା ଫଳାଫଳ ଉତ୍ସାହଜନକ ରହିଛି ଏବଂ ନୂତନ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଜୁଆଙ୍ଗ, ହୋ ଏବଂ ସାନ୍ତାଳି ଭାଷାରେ ବହୁଭାଷୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଉଛି। ଏହା ସହିତ ଏକ 'ଟ୍ରାଇବାଲ ରିସୋର୍ସ ସେଣ୍ଟର' ମଧ୍ୟ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକ ଶେଷରେ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାର ପ୍ରଗତି ତଥା ସମସ୍ତ ଜନହିତକର ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାପରିଷଦ ର ସଦସ୍ୟ ଏବଂ ପଚାଂୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷାଙ୍କୁ ପରାମର୍ଶ ଦେଇଥିଲେ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା: ଆସାମୀକୁ ୧୭ ବର୍ଷ ସଶ୍ରମ କାରାଦଣ୍ଡ



କେନ୍ଦୁଝର,୧୦/୭(ନି/ପ୍ର):ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ମାମଲାରେ ଆଜି (ବୁଧବାର) କେନ୍ଦୁଝର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୭ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୁଲିସ ମୁଖ୍ୟାଳୟରୁ ପ୍ରଦତ୍ତ ପ୍ରେସ୍ ବିବୃତି ଅନୁସାରେ, କେନ୍ଦୁଝର ସଦର ଥାନା ମାମଲା ନଂ. ୬୬୦/୨୦୨୪ରେ ରୁଜୁ ହୋଇଥିବା ଏହି ମାମଲାରେ ଝୁମ୍ପୁରା ଥାନା ଅଧୀନ ଝୁମ୍ପୁରା ମେଡିକାଲ କଲୋନୀର ବାସିନ୍ଦା ଶିବ ଲୋହାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। କେନ୍ଦୁଝର ସଦର ଥାନାର ସବ୍-ଇନ୍ସପେକ୍ଟର ସୁସ୍ମିତା ହୋରୋ ଏହି ମାମଲାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ସଂଗ୍ରହ କରାଯାଇଥିବା ପ୍ରମାଣ ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୭ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୭ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ଭାରତୀୟ ନ୍ୟାୟ ସଂହିତା ଏବଂ ପୋକ୍ସୋ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି।



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଚାଂୟତରେ ରାସ୍ତା ନିର୍ମାଣ କରାଯାଉନଥିବାରୁ ଲଘୁଚାପଜନିତ ଲଗାଣ ବର୍ଷାରେ ରାସ୍ତାର ଗୋଟିଏ ପାର୍ଶ୍ୱ ଧସିଯାଇଛି

# ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ତିନିରଥର ୩୦ଟି ରଥମୋଡ ଚକଫାଳି ନିର୍ମାଣ ଶେଷ

ପୁରୀ,୧୦/୭(ନି/ପ୍ର):ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଂଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ବୁଧବାର ରଥ ନିର୍ମାଣର ୭୯ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଉ ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ବୁଧବାର ତିନିରଥର ୩୦ଟି ରଥମୋଡ ଚକଫାଳି ନିର୍ମାଣ ଶେଷ ହୋଇଛି । ବିଳାସପଟି, ଚିକ୍କଣ ଫୁଲ, ଡାଳିଲତା ପକା ଓ ପୋଲ ଚାଦର ସିଲାଇ ଜାରୀ ରହିଛି । ମଙ୍ଗଳବାର ସୁଦ୍ଧା ତିନିରଥରେ ରଙ୍ଗ କାର୍ଯ୍ୟ ଶେଷ ହୋଇଥିବା ୩୨ ଗୋଟି କନ୍ୟା ପଟା ବାଡ଼ିଆ ଯିବା ସହ ପ୍ରଭାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶ ଏବଂ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଜାରୀ ରହିଥିଲା । ଆଜି ତିନିରଥର ମହାରଣା ସେବକ ମାନେ ୧୦ ଟି ଲେଖାଏଁ ରଥ ମୋଡ ଚକ ଫାଳି ନିର୍ମାଣ ଶେଷ କରିଛନ୍ତି। ରଥ ଗଡି ଦିଗ ହରା ହେଲେ ରଥକୁ ଦିଗ ଦିଆଯିବା ପାଇଁ ଚକ ମୋଡ ଫାଳୀ ର ବିଶେଷ ଆବଶ୍ୟକତା ପଡ଼ିଥାଏ। ଦିଗ ହରା ରଥକୁ ଦିଗ ଦେବା ପାଇଁ ରଥଟଣା ମାର୍ଗଦର୍ଶକଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଇ ସେବକ ମାନେ ଏହି ମୋଡା ଚକ ଫାଳୀ କୁ ଉପଯୋଗ କରି ରଥକୁ ଦିଗ ଦେଇଥାନ୍ତି। ଆଜି ମହାରଣା ସେବକ ମାନେ ତିନିରଥର ବେଦୀ ସିଂହାସନ ରେ ବିଜେ ଚକା ସ୍ଥାପନ ପୂର୍ବରୁ ବେଦୀ ପରିସରକୁ ରଞ୍ଜା ମାରି ସଫା କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ପ୍ରଭା ରେ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟର ଶେଷ ସ୍ୱର୍ଶ ଦେବା ସହ ପ୍ରଭା ମଧ୍ୟ ଭାଗରେ ଅଙ୍କିତ ଦେବ ଦେବୀଙ୍କ ରଙ୍ଗ ଚିତ୍ର କାର୍ଯ୍ୟ ମଧ୍ୟ ଶେଷ ସ୍ୱର୍ଶ ଦେଉଛନ୍ତି। ଏଥିସହ ଚିତ୍ରକାର ସେବକ ମାନେ ତିନିରଥର ଚକ, ଦଣ୍ଡା, ଗୁଜ, ରଥ ଉପର ନାହାକା ,ବ୍ରେକ ପୁଲି, ଘୋଡ଼ା, ସାରଥୀ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦରଜୀ ସେବକ ମାନେ ନନ୍ଦି ଘୋଷ ରଥର ବାକି ରହିଥିବା ବତା କନାରେ ବିଳାସ ପଟି ପକା କାର୍ଯ୍ୟ ଶେଷ କରି ତିନିରଥର ଦୁଆର ବେଢା ଚନ୍ଦ୍ର ଶାଳୀ ରେ ଚିକଣ ଫୁଲ, ଡାଳି ଲତା ପକା କାର୍ଯ୍ୟ ସହ, ଦୁଆର ବେଢ଼ା କନାରେ ପୋଲମୁଦ୍ରା, ପୋଲ ଚାଦର ସିଲାଇ କାର୍ଯ୍ୟ ଜାରୀ ରଖିଛନ୍ତି।

# ବିକାଶର ଧାରା'ରେ ଧାମନଗର-ଫଳପୁର ରାସ୍ତାରେ ଅଟକିଛି

## ଟଙ୍କା ମଞ୍ଜୁର ପରେ ବି କାମ ଶୂନ, ଭୋଗୁଛନ୍ତି ୩୦ ହଜାର ଜନସାଧାରଣ

ଭଦ୍ରକ,୧୦/୭(ନି/ପ୍ର): 'ବିକାଶର ଧାରା ଓଡ଼ିଶା ସାରା'—ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର - ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛି। ଦୀର୍ଘ ୨୨ ବର୍ଷଧରି ଏହି ରାସ୍ତା ନିର୍ମାଣ ଅଧପାନ୍ତରିଆ ହୋଇପଡ଼ିଛି। ଜନସାଧାରଣ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ 'ପଦ୍ମ ଘୁଂଚି ଘୁଂଚି ଗଲା ଭଳି' ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମରାମତି ଅଭାବରୁ ରାସ୍ତାରେ ୭୦ ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି। ଧାମନଗର ବଜାର ଠାରୁ ଫଳପୁର ପର୍ଯ୍ୟନ୍ତ। ବିଭିନ୍ନ ସ୍ଥାନ ରେ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ ବିଛାଡ଼ି ହୋଇ ପଡ଼ିଥିବା ବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଅନେକ ସ୍ଥାନରେ ପିଚୁ ଉଠି ବେହାଲ ହୋଇପଡ଼ିଛି। ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକରେ ଏହି ୭ କିମି ରାସ୍ତା ପାର ହେବାକୁ ଅଧଘଂଟାରୁ ଅଧିକ ସମୟ ଲାଗୁଛି ।ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା। ୨୦୦୪ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଂଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ। ପୂର୍ବରୁ ୨୦୨୦ ଫେବ୍ରୁଆରି ବଜେଟ୍ ଅଧିବେଶନରେ ଦିବଙ୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା। ଗତବର୍ଷ ଅର୍ଥାତ ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଥିଲା। ହେଲେ ଆଜିବି ଡିପିଆର ଓ ଟେଣ୍ଡର ନାଁରେ କାମ ଶୂନ ।ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ। ଗତ ୨୦୨୬ ଫେବ୍ରୁଆରି ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ ୨୭ରେ ସମୀକ୍ଷା ମଧ୍ୟ କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ। କାଗଜପତ୍ରରେ ବିକାଶର ଗଙ୍ଗା ବହୁଥିବା ବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି। ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଂଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ତେବେ ଦୁଇ ଦିନ ତଳେ ଲଘୁଚାପ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇଥିବାବେଳେ କିଛି ଗାଡରେ କିଛି ଡଷ୍ଟ ପକାଯାଇଛି ।ତେବେ ଆବଶ୍ୟକ କାଗଜ ପତ୍ର ପରେ ଖବୁଶିଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବବୋଲି ବିଭାଗୀୟ ଅଧିକାରୀ ଶ୍ରୀନିବାସ ମଲିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# କୋରାପୁଟ ଜିଲ୍ଲାର ୨୨ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ

ଜୟପୁର,୧୦/୭(ନି/ପ୍ର): କୋରାପୁଟ ଜିଲ୍ଲାର ୨୨ତମ ଜିଲ୍ଲା ଯୋଜନା କମିଟି ବୈଠକ ଆଜି ସଦଭାବନା ସଭାଗୃହ, ଡିଏନକେ ସମ୍ମିଳନୀ କକ୍ଷ, କୋରାପୁଟରେ ବିଧାୟକ-ତଥା-ଡିପିସି ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ବିଧାୟକ ରଘୁ ରାମ ମାଛ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟ ବନ ମହାଜନ ପ୍ରମୁଖ ଉପ ସ୍ଥିତ ଥିଲେ । ଏହି ବୈଠକରେ କୋରାପୁଟ ଓ ନବରଙ୍ଗପୁର ଲୋକସଭା ସାଂସଦ, ଜୟପୁର, ପଟ୍ଟାଙ୍ଗି, କୋଟପାଡ଼ ଓ ଲକ୍ଷ୍ମୀପୁର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଜିଲ୍ଲା ଯୋଜନା କମିଟିର ସଦସ୍ୟମାନେ (ଜିଲ୍ଲା ପରିଷଦ ସଦସ୍ୟ ଓ କାଉନସିଲର), ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ, ସିଡିଓ-କମ୍-ଇଓ, ଆଇଏଏସ୍ ପ୍ରୋବେସନର, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ), ଡିପିଏମୟୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକର କେବିକେ ବିକାଶ ଯୋଜନା ଅନ୍ତର୍ଗତ ୨୦୨୪-୨୫ ଓ ୨୦୨୫-୨୬ ବର୍ଷ ପାଇଁ ୧୪ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟଯୋଜନାକୁ ଅନୁମୋଦନ କରାଯାଇଥିଲା। ଏହି ଯୋଜନାରେ ବିଜୁଳି, ସଡ଼କ ଓ ପାଣି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇଛି। ୨୦୨୪-୨୫ ବର୍ଷ ପାଇଁ ଜିଲ୍ଲା ଯୋଜନା ଅଧୀନରେ ସିଜିଏଫ ବାବଦରେ ୪ କୋଟି ୧୪ ଲକ୍ଷ ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବିଧାୟକ-ତଥା-ଡିପିସି ଅଧ୍ୟକ୍ଷ ରାଜ୍ୟ ବଜେଟରେ କୋରାପୁଟ ଜିଲ୍ଲା ପାଇଁ ଅନୁମୋଦିତ ହୋଇଥିବା ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମପୁର-ଜୟପୁର ସଂଯୋଗ ପ୍ରକଳ୍ପ, ପ୍ରାୟ ୨୮୭ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ୯,୦୦୦ କୋଟି ଟଙ୍କା। ମେଗା ଲିଫ୍ଟ ଓ ଆଇଏସଏସ ଯୋଜନା ମାଧ୍ୟମରେ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ। ଜିଲ୍ଲାରେ ଏକ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା । ବୈଠକରେ ସୂଚନା ଦିଆଯାଇଥିଲା ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ୩.୧୦ ଲକ୍ଷ କୋଟି ଟଙ୍କା ଥିବା ବେଳେ କୋରାପୁଟ ଜିଲ୍ଲାର ବଜେଟ ୪,୬୧୨.୭୧ କୋଟି ଟଙ୍କା ରହିଛି। ଜିଲ୍ଲା ଯୋଜନା କମିଟିର ସମସ୍ତ ସଦସ୍ୟ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ସମସ୍ତ ଋତୁରେ ଚଳାଚଳ ଯୋଗ୍ୟ ସଡ଼କ, ବିଦ୍ୟୁତ୍ ସରବରାହର ସ୍ଥିରତା ଏବଂ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମର ଉନ୍ନତି ନିମନ୍ତେ ନିଜ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଯୋଜନା ମାଧ୍ୟମରେ ପ୍ରାଥମିକ କ୍ଷେତ୍ରଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସିଡିଏମ୍ ଓ ପିଏଚ୍‌ଓ, କୋରାପୁଟ ବୈଠକରେ ସୂଚନା ଦେଇଥିଲେ ଯେ, ଜିଲ୍ଲାରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା ପାଇଁ ରାଜ୍ୟ ବଜେଟରେ ଅନୁମୋଦନ ମିଳିସାରିଛି, ଯାହା ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# କପଡ଼ା ବିକ୍ରି ବାହାନାରେ ଚାଲାଣ କରୁଥିଲେ ଗଞ୍ଜେଇ



ଦେଓଗାଁ,୧୦/୭(ନି/ପ୍ର): ପଲ୍ଲୀରୁ ଦିଲ୍ଲୀକୁ ହେଉଥିଲା ଗଞ୍ଜେଇ ଚୋରା ଚାଲାଣ। ଫେରିୱାଲା ବେଶରେ ଗଞ୍ଜେଇ ମାଫିଆ କପଡ଼ା ଭିତରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିଲେ । ତେବେ ଏହି କପଡା ଭର୍ତ୍ତି ଗାଡ଼ିକୁ ଜବତ କରି ୪ଜଣକୁ ଗିରଫ କରିଛି ବଲାଙ୍ଗିର ଅବକାରୀ ବିଭାଗ। ତୁଷୁରା-ବଲାଙ୍ଗିର ରାସ୍ତାରେ ଅବକାରୀ ବିଭାଗ ଚଢ଼ାଉ କରି ଦୁଇଟି ଗଞ୍ଜେଇଭର୍ତ୍ତି ପିକଅପ ଗାଡ଼ି ସହ ୧୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିବାବେଳେ ୪ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୨ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ତେବେ କପଡ଼ା ବୋଝେଇ ଗାଡ଼ିରେ ରାଜସ୍ଥାନର ୪ ଜଣ ଯୁବକ କନ୍ଧମାଳଜିଲ୍ଲା ବାଲିଗୁଡାରୁ ଗଞ୍ଜେଇ ଆଣି ତୁଷୁରା ଦେଇ ଭାୟା ରାୟପୁର ଦେଇ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରିବାବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ ତୁଷୁରା-ବଲାଙ୍ଗିର ରାସ୍ତାରେ ଅବକାରୀ ବିଭାଗ ତୁଷୁରା ଦେଓଗାଁ ରାସ୍ତାର ଡଙ୍ଗାପଥର ଛକରେ ଚଢ଼ାଉ କରି ଦୁଇଟି କପଡ଼ା ଭର୍ତ୍ତି ପିକଅପ ଗାଡ଼ିକୁ ଅଟକ ରଖି ପଚରାଉଚରା କରିଥିଲା । ତେବେ ତୁଷୁରା ଅବକାରୀ ବିଭାଗ ସନ୍ଦେହ କରି ଦୁଇଟି ପିକଅପ୍ ଗାଡ଼ିରେ ଗଞ୍ଜେଇ ଥିବା ଜାଣି ଯାଚଂ କରିଥିଲା। ଯାହା ଫଳରେ କପଡ଼ା ବୋଝେଇ ଗାଡ଼ିରୁ ବଣ୍ଡଲ ବଣ୍ଡଲ ଗଞ୍ଜେଇ ବାହାରିଥିଲା।

## ୧୮ ଘଣ୍ଟା ପରେ ମାଲ୍ୟଗିରି ପାହାଡ଼ ଉପରେ ଫସିଥିବା ଯୁବକମାନଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ପାଲଲହଡା,୧୦/୭(ନି/ପ୍ର): ୧୮ ଘଣ୍ଟା ପରେ ୩୯୯୬ ଫୁଟ ଉପରେମାଲ୍ୟଗିରି ପାହାଡ଼ ଉପରେ ଫସିଥିବା ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ପାଲଲହଡା ଦମକଳ ବାହିନୀ ।ପାହାଡ଼ରୁ ଉଦ୍ଧାର ହୋଇଥିବା ତିନି ଯୁବକ ହେଲେ ବାପୁ ମହାନ୍ତ (କାଶୀପୁର,କେଉଁଝର), ଅନନ୍ତ ମୁଣ୍ଡା (କେଉଁଝର ଟାଉନ),ଘନସ୍ୱାମ ପାତ୍ର (ଦୈତାରୀ ମାଇନ୍ସ)। ସୂଚନାଯୋଗ୍ୟ ଯେ ଗତକାଲି କେଉଁଝର ଅଂଚଳରେ ସାତ ଜଣ ଯୁବକ ଦିନ ୧୨.୩୦ ମିନିଟରେ ପାଲଲହଡାଖୁଲୁଡି ମନ୍ଦିର ଦେଇ ମାଲ୍ୟଗିରି ପାହାଡ଼କୁ ବୁଲିବା ପାଇଁ ଉଠିଥିଲେ। ସେଥି ମଧ୍ୟରୁ ଚାରି ଜଣ ସନ୍ଧ୍ୟା ସୁଦ୍ଧା ଓହ୍ଲାଇଆସିଥିଲେ । ଆଉ ତିନି ଜଣ ଓହ୍ଲାଇ ନପାରି ପଥର ଖୋଳ ଭିତରେ ଫସି ରହିଥିଲେ। ରାତି ହୋଇଯାଇଥିବାରୁ ତାଙ୍କୁ ଖୋଜିବା ସମ୍ଭବ ହେଇନଥିଲା ।ଆଜି ସକାଳେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ୩୮୯୬ ଫୁଟ ମାଲ୍ୟଗିରି ଉପରୁ ୧୮ ଘଣ୍ଟା ପରେ ଫସି ଯାଇଥିବା ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ।ପାହାଡ଼ରୁ ଉଦ୍ଧାର ହୋଇଥିବା ତିନି ଯୁବକ ହେଲେ ବାପୁ ମହାନ୍ତ (କାଶୀପୁର,କେଉଁଝର), ଅନନ୍ତ ମୁଣ୍ଡା (କେଉଁଝର ଟାଉନ),ଘନସ୍ୱାମ ପାତ୍ର (ଦୈତାରୀ ମାଇନ୍ସ)।



## ଉରୁବେଲି ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ବସ୍ ସେବାଯୋଗାଇ ଦେବାକୁ ଦାବି

ମାଲକାନଗିରି,୧୦/୭(ନି/ପ୍ର): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ସୁବିଧାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟି ୩୨୬ ନମ୍ବର ଜାତୀୟ ରାଜପଥର ପୁଷ୍ପୁଗୁଡ଼ା ଛକଠାରୁ ପ୍ରାୟ ୪ରୁ ୫ କିଲୋମିଟର ଦୂରରେ ଥିବାରୁ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ଚାଲି ଚାଲି ବିଦ୍ୟାଳୟକୁ ଯିବାକୁ ପଡୁଛି। ବିଦ୍ୟାଳୟରେ ପ୍ରାୟ ୨୮୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ନିକଟସ୍ଥ ଗ୍ରାମରୁ ଆସୁଛନ୍ତି।







# ବରହାମୁଣ୍ଡାରେ ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ: ୩୨୦ ଲିଟର ମଦ ଜବତ, ୧ ଗିରଫ



ଝାରସୁଗୁଡା,୧୦/୭(ନି/ପ୍ର): ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତ ବେଆଇନ ମଦ କାରବାର ବିରୋଧରେ ଝାରସୁଗୁଡା ପୁଲିସର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି କ୍ରମରେ ଲାଇକେରା ଥାନା ପୁଲିସ ବୁଧବାର ବରହାମୁଣ୍ଡା ଗ୍ରାମରେ ଚଢ଼ାଉ କରି ୩୨୦ ଲିଟର ବେଆଇନ ଚୋଲେଇ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ବରହାମୁଣ୍ଡା ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଲାଇକେରା ଥାନା ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୬ଟି ବଡ଼ ପ୍ଲାଷ୍ଟିକ ପାତ୍ର ଓ ଗୋଟିଏ ସ୍ୱଚ୍ଛ ପଲିଥିନ ପାତ୍ରରେ ରଖାଯାଇଥିବା ମୋଟ ୩୨୦ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଥିଲା। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ୩ଟି ଆଲୁମିନିୟମ ଡେକଚି ଓ ଗୋଟିଏ ପ୍ଲାଷ୍ଟିକ ପାଇପ ମଧ୍ୟ ଜବତ କରାଯାଇଛି। ଚଢ଼ାଉ ବେଳେ ବେଆଇନ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରାୟ ୪ କ୍ୱିଣ୍ଟାଲ ମହୁଲ ପୋଚକୁ ନଷ୍ଟ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ବରହାମୁଣ୍ଡା ଗ୍ରାମର ତ୍ରିଲୋଚନ କିଷାନ (୨୮), ଗିରଫ କରାଯାଇଛି। ତାଙ୍କ ବିରୋଧରେ ଲାଇକେରା ଥାନା କେସ୍ ନଂ- ୧୯୭, ତାରିଖ ୦୮.୦୭.୨୦୨୬ରେ ବିଏନଏସ୍ର ଧାରା ୨୭୪/୨୭୫ ଏବଂ ଓଡ଼ିଶା ଆବକାରୀ ଆଇନର ଧାରା ୫୨(କ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପରେ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଛି। ଝାରସୁଗୁଡା ପୁଲିସ କହିଛି ଯେ, ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ସଫଳ କରିବା ଲକ୍ଷ୍ୟରେ ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବିରୋଧରେ କଠୋର ପଦକ୍ଷେପ ଜାରି ରହିବ। ଜିଲ୍ଲାରେ ଗୁଇନ୍ଦା ସୂଚନା ଆଧାରିତ ଚଢ଼ାଉ, ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରାଯାଉଛି। ବେଆଇନ ମଦ କିମ୍ବା ଅନ୍ୟ କୌଣସି ନିଶାଦ୍ରବ୍ୟ ସମ୍ପର୍କରେ ବିଶ୍ୱସନୀୟ ସୂଚନା ଥିଲେ ତୁରନ୍ତ ପୁଲିସକୁ ଜଣାଇବା ପାଇଁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

## ଜିପିଏସ୍ ସହାୟତାରେ ୨୪ ଘଂଟାରେ ଠାବ ହେଲା ଚୋରି ବୋଲେରୋ ପିକ୍-ଅପ୍, ୧ ଗିରଫ

ଝାରସୁଗୁଡା,୧୦/୭(ନି/ପ୍ର) :ଝାରସୁଗୁଡା ଜିଲ୍ଲା ବେଲପାହାଡ ଥାନା ପୁଲିସ ଏକ ଚୋରି ହୋଇଥିବା ବୋଲେରୋ ପିକ୍-ଅପ୍ ଗାଡ଼ିକୁ ମାତ୍ର ୨୪ ଘଂଟା ମଧ୍ୟରେ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଘଟଣାରେ ବେଲପାହାଡ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗତ ୬ ତାରିଖରେ ବେଲପାହାଡ ଥାନା ଅନ୍ତର୍ଗତ ଗୁମାଡେରା ଅଂଚଳରୁ ଓଡ଼ି–୨୩ଡି–୭୯୯୦ ନମ୍ବର ବିଶିଷ୍ଟ ଏକ ବୋଲେରୋ ପିକ୍-ଅପ୍ ଗାଡ଼ି ଚୋରି ହୋଇଥିଲା। ଏନେଇ ୧୧୨ ଜରୁରୀକାଳୀନ ସେବା ମାଧ୍ୟମରେ ସୂଚନା ପାଇବା ପରେ ବେଲପାହାଡ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିରେ ଲାଗିଥିବା ଜିପିଏସ୍ ବ୍ୟବସ୍ଥାକୁ ଆଧାର କରି ପୁଲିସ ମହିଜୋର ଅଂଚଳରେ ଚଢ଼ାଉ କରିଥିଲା। ସେଠାରୁ ଚୋରି ହୋଇଥିବା ବୋଲେରୋ ପିକ୍-ଅପ ଉଦ୍ଧାର କରିବା ସହ ବେଲପାହାଡ ଥାନା ଅନ୍ତର୍ଗତ ଲୁହୁରାପଡା ଗ୍ରାମର ସୂରଜ ବାଂଚୋର (୨୪)ଙ୍କୁ କାବୁ କରାଯାଇଥିଲା।

# ରଥଯାତ୍ରାକୁ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



ନବରଙ୍ଗପୁର,୧୦/୭(ନି/ପ୍ର): ଆଗାମୀ ପବିତ୍ର ଘୋଷଯାତ୍ରା/ରଥଯାତ୍ରା-୨୦୨୬କୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ସମ୍ପନ୍ନ କରିବା ଲକ୍ଷ୍ୟରେ ଆଜି ଅପରାହ୍ନରେ ନବରଙ୍ଗପୁର ଜିଲ୍ଲା ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡା. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡା. ପୃଷ୍ଟି କହିଥିଲେ ଯେ, ରଥଯାତ୍ରା ଜିଲ୍ଲାର ଏକ ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ପର୍ବ। ଏହି ପବିତ୍ର ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସୁଚାରୁ ଭାବେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଏବଂ ନିରବଚ୍ଛିନ୍ନ ଦର୍ଶନ ବ୍ୟବସ୍ଥାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା, ରଥଯାତ୍ରା ମାର୍ଗର ମରାମତି, ପରିଷ୍କାର-ପରିଚ୍ଛନ୍ନତା, ଆଲୋକୀକରଣ ଏବଂ ଆବଶ୍ୟକ ଭିତିଭୂମି ସୁବିଧା ସୁନିଶ୍ଚିତ କରିବାକୁ ପୂର୍ତ୍ତ ବିଭାଗ, ପୌରପାଳିକା ଓ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଯାତ୍ରା ପଥର ଅନ୍ତିମ ଚୂଡ଼ାନ୍ତକରଣ ସହ ସମସ୍ତ ଆବଶ୍ୟକ ବ୍ୟବସ୍ଥା ପୂର୍ବରୁ ସମ୍ପନ୍ନ କରିବାକୁ କୁହାଯାଇଥିଲା। ଆଇନ-ଶୃଙ୍ଖଳା ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ପୋଲିସ ବଳ ମୁତୟନ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ମାଧ୍ୟମରେ ନଜରଦାରି, ରୁଟ୍ ମାର୍ଚ୍ଚ ଏବଂ ସୁଚିନ୍ତିତ ଟ୍ରାଫିକ ଡାଇଭର୍ସନ୍ ଯୋଜନା ପ୍ରସ୍ତୁତ କରି ଏହାକୁ ପୂର୍ବରୁ ଜନସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରିବାକୁ ନିଷ୍ପତି ନିଆଯାଇଥିଲା। ଅଗ୍ନି ଓ ବିପର୍ଯ୍ୟୟ ମୁକାବିଲା ପାଇଁ ଅଗ୍ନିଶମ ବାହିନୀ, ପାଣି ଟ୍ୟାଙ୍କର ସଜାଗ ଅବସ୍ଥାରେ ରଖିବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ଖୋଲା ବିଦ୍ୟୁତ୍ ତାର ଓ ବିପଦଜନକ ସଂଯୋଗଗୁଡ଼ିକର ଯାଚଂ କରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ କୁହାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ପ୍ରମୁଖ ସ୍ଥାନରେ ପ୍ରଥମ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍ସ, ମୋବାଇଲ ହେଲଥ ଟିମ୍, ପାନୀୟ ଜଳ କେନ୍ଦ୍ର, ଅସ୍ଥାୟୀ ଶୌଚାଳୟ, ଓଆରଏସ୍ ବଂଟନ ଏବଂ ଛାୟା ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗ, ପୌରପାଳିକା ଓ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିର ପ୍ରଶାସନ, ସେବାୟତ ଓ ପୂଜକମାନଙ୍କ ସହ ସମନ୍ୱୟ ରକ୍ଷା କରି ପରମ୍ପରା ଅନୁଯାୟୀ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରିବା ସହ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କୁ ସୁଯୋଗ ପ୍ରଦାନ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏଥିସହ 'ସ୍ୱଚ୍ଛ ରଥଯାତ୍ରା' ଅଭିଯାନ ଅଧୀନରେ ପ୍ଲାଷ୍ଟିକ ବର୍ଜନ, ଡଷ୍ଟବିନ ସ୍ଥାପନ ଏବଂ ଯାତ୍ରା ପରେ ତୁରନ୍ତ ସଫେଇ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଚିଂ ନାରାୟଣ ଦରୱାନ, ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ଡ଼. ଅଶୋକ କୁମାର କର୍ଣ୍ଣ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ମନ୍ଦିର ପରିଚାଳନା କମିଟିର ସଭାପତି, ସେବାୟତ ପ୍ରତିନିଧି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଡା. ପ୍ରମୋଦ କୁମାର ପୃଷ୍ଟି ସମସ୍ତ ସମ୍ପୃକ୍ତ ବିଭାଗକୁ ଦୈନିକ ପ୍ରଗତି ରିପୋର୍ଟ ଦାଖଲ କରିବା ସହ ତୁରନ୍ତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ରଥଯାତ୍ରାର ସଫଳ ଆୟୋଜନ ପାଇଁ ଜିଲ୍ଲାବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ତହସିଲଦାର ନବରଙ୍ଗପୁର ଭୋଲେଶ୍ୱର ନାୟକ ଏହି ବୈଠକକୁ ପରିଚାଳନା କରିଥିଲେ।

# ବନ୍ଦ ହେଲା ମନରେଗା : ବାକି ଅଛି ୩୩୮.୨ କୋଟି, ୩୬ କୋଟି ଟଙ୍କାର ମଜୁରି ବି ମିଳିନି

ସମ୍ବଲପୁର,୧୦/୭(ନି/ପ୍ର) : ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟାନ୍ୱୟନ ପରେ ଜୁଲାଇ ୧ ତାରିଖରୁ ବନ୍ଦ ହୋଇଗଲା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା। ହେଲେ ଏହି ଯୋଜନାରେ ରାଜ୍ୟରେ ୩୩୮.୨୦ କୋଟି ଟଙ୍କା ବକେୟା ରହିଛି। ସେଥିରୁ କେବଳ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ବାବଦରେ ୩୬ କୋଟି ୦୧ ଲକ୍ଷ ଟଙ୍କା ରହିଥିବା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାକିଥିବା ପୁରୁଣା ବର୍ଷର ୨୩୩ କୋଟି ଟଙ୍କା ସହିତ ୨୦୨୬ ଆର୍ଥିକ ବର୍ଷରେ ମନରେଗା ଯୋଜନା ଆରମ୍ଭ ହୋଇଥିଲା। ଯୋଜନା ବନ୍ଦ ହେବା ସୁଦ୍ଧା ୬୬୯.୬୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ଅଧିକାଂଶ ଜିଲ୍ଲା ଆବଟିଂତ ଅର୍ଥଠାରୁ ଅଧିକ ଟଙ୍କା ଉପଯୋଗ କରିଛନ୍ତି। କେବଳ ଯାଜପୁରରେ ୪୫.୨%, ବରଗଡ଼ରେ ୯୨.୬୯%, ଦେବଗଡ଼ରେ ୯୬.୦୪%, ମାଲକାନଗିରିରେ ୯୨.୦୬% ଖର୍ଚ୍ଚ ହୋଇଛି। ପ୍ରତ୍ୟେକ ଜିଲ୍ଲାରେ ମଜୁରି ସହିତ ଉପକରଣ ଖର୍ଚ୍ଚ ବକେୟା ଚିନ୍ତା ବଢ଼ାଇଛି। ଏଥିରେ କଳାହାଣ୍ଡିର ସର୍ବାଧିକ ୧୧୩.୦୮ କୋଟି, ବଲାଙ୍ଗୀରର ୧୨.୭୮ କୋଟି, ବୌଦ୍ଧର ୨.୮୯ କୋଟି, ଦେବଗଡ଼ର ୪.୬୩ କୋଟି, ଢେଙ୍କାନାଳର ୬.୪୬ କୋଟି, ଗଜପତିର ୧୧.୫୩ କୋଟି, ଗଞ୍ଜାମର ୨୨.୫୪ କୋଟି, ଝାରସୁଗୁଡ଼ାର ୧.୪୭ କୋଟି, କନ୍ଧମାଳର ୧୨.୮୨ କୋଟି, ସୁନ୍ଦରଗଡ଼ର ୧୫.୦୨ କୋଟି, ସୁବର୍ଣ୍ଣପୁରର ୩.୧୪ କୋଟି, ସମ୍ବଲପୁରର ୧.୧୪ କୋଟି, ନୂଆପଡ଼ାର ୧୨.୫୪ କୋଟି, ଅନୁଗୁଳର ୯ କୋଟି, ବାଲେଶ୍ୱରର ୬.୦୬ କୋଟି, ବରଗଡ଼ର ୩.୩୬ କୋଟି, ଭଦ୍ରକର ୫.୦୬ କୋଟି ଟଙ୍କା ବକେୟା ରହିଛି। ଏଥିମଧ୍ୟରୁ ଶ୍ରମିକଙ୍କ ବକେୟାରେ କଳାହାଣ୍ଡି ଜିଲ୍ଲାର ସର୍ବାଧିକ ଅର୍ଥାତ କୁଶଳୀଙ୍କ ୨.୨୪ କୋଟି ଏବଂ ଅର୍ଦ୍ଧକୁଶଳୀଙ୍କ ୩.୫୬ କୋଟି ଟଙ୍କା ବାକି ରହିଛି। ଦାଦନପ୍ରବଣ ନୂଆପଡ଼ା, ଗଞ୍ଜାମ, ସୁନ୍ଦରଗଡ଼ଠାରୁ ଆରମ୍ଭ କରି ଅଧିକାଂଶ ଜିଲ୍ଲାରେ ସମାନ ସ୍ଥିତି ରହିଛି। ପ୍ରଶାସନିକ ସୂତ୍ର ଅନୁସାରେ,



ମନରେଗାରେ କାର୍ଯ୍ୟ କରୁଥିବା କୌଣସି ଶ୍ରମିକ ଛଟେଇ ହେବେ ନାହିଁ। ବରଂ ସ୍ୱତଃପ୍ରବୃତ ଭାବରେ ମନରେଗା 'ଭିଭିଜି ରାମଜି' ପ୍ରକଳ୍ପକୁ ଚାଲି ଆସିବ। ମନରେଗାରେ ରାଜ୍ୟ ସରକାର ୧୯୭.୧୨ କୋଟି ଏବଂ କେନ୍ଦ୍ର ସରକାର ୮୪୩.୩୬ କୋଟି ଟଙ୍କା ଦେଇଛନ୍ତି। ମନରେଗାରେ ଦାଦନ ପ୍ରବଣ ଜିଲ୍ଲା ପାଇଁ ରାଜ୍ୟ ନିଜ ପକ୍ଷରୁ ସ୍ୱତନ୍ତ୍ର ଟଙ୍କା ଆବଟଂନ କରୁଥିଲା। କିନ୍ତୁ ନୂତନ ଯୋଜନାରେ ଏହା କାର୍ଯ୍ୟକାରୀ କରାଯାଇ ନାହିଁ। କୃଷି ସମୟ ୬୦ ଦିନରେ ଏହା କାର୍ଯ୍ୟକାରୀ ହେବ ନାହିଁ। କିନ୍ତୁ ମନରେଗା ତୁଳନାରେ 'ଭିଭିଜି ରାମଜି' ଶ୍ରମିକ ଅଧିକ ପାଉଣା ପାଇବେ ବୋଲି ପ୍ରଶାସନ କହିଛି। ୨୦୦୬ ଫେବ୍ରୁଆରି ୨ ତାରିଖରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନ କାର୍ଯ୍ୟକାରୀ ହୋଇଥିଲା। ୨୦ ବର୍ଷ ଅବଧି ମଧ୍ୟରେ ଏହି ଯୋଜନା ଉତ୍ ?ଥାନ-ପତନ ଦେଇ ଗତି କରିଛି। କାର୍ଯ୍ୟ ଯୋଗାଇ ନପାରିଲେ ବେକାରି ଭତ୍ତା, କାର୍ଯ୍ୟସ୍ଥଳରେ କ୍ରେଚ୍ (ଶିଶୁ ଯତ୍ନ କେନ୍ଦ୍ର) ଆଦି ନିୟମ ଥିଲେ ମଧ୍ୟ ଏହା ପାଳନ ହୋଇ ନାହିଁ। ଓଡ଼ିଶା ସରକାର ଏହାକୁ ଦାଦନ ସମସ୍ୟା ସମାଧାନର ବଡ଼ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି। ଲକ୍‌ଡାଉନ୍ ସମୟରେ ଏହି ଯୋଜନା ବେଶ ଉପଯୋଗୀ ହୋଇଥିଲା। ଅନେକ ସମୟରେ ଓ ସ୍ଥାନରେ ଏହି ଯୋଜନାରେ ଦୁର୍ନୀତି ଦୁର୍ନାମ ବି ଲାଗିଲା। ଏବେ 'ଭିଭିଜି ରାମଜି' ଯୋଜନା ଗ୍ରାମୀଣ ରୋଜଗାର ସମସ୍ୟାର କେତେ ସମାଧାନ କରିବ ତାହା ଦେଖିବାକୁ ବାକି ରହିଲା।

## ମହାପ୍ରୟାଣ ଶବବାହକ ସେବାକୁ ସୁଦୃଢ଼ କରିବା ସହ ଘଟଣାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଝାରସୁଗୁଡ଼ା,୧୦/୭(ନି/ପ୍ର): ଲାଇକେରା ବ୍ଲକ ଅନ୍ତର୍ଗତ ଓଡ଼ିଆପାଲି ଗ୍ରାମରେ ମହାପ୍ରୟାଣ ଶବବାହକ ଗାଡ଼ି ଉପଲବ୍ଧ ନ ହେବାରୁ ଜଣେ ମୃତକଙ୍କ ମୃତଦେହକୁ ବାଇକରେ ବୋହିବାକୁ ପଡ଼ିଥିବା ଘଟଣାକୁ ନେଇ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଦେଶ କଂଗ୍ରେସ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକଙ୍କ ନେତୃତ୍ୱରେ ଏକ କଂଗ୍ରେସ ପ୍ରତିନିଧିମଣ୍ଡଳ ଘଟଣାସ୍ଥଳ ପରିଦର୍ଶନ କରି ପୀଡ଼ିତ ପରିବାର ସହ ସାକ୍ଷାତ କରିଥିଲେ।ପ୍ରତିନିଧିମଣ୍ଡଳ ପୀଡ଼ିତ ପରିବାରର ସଦସ୍ୟଙ୍କ ସହ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସେମାନଙ୍କ ପ୍ରତି ସମବେଦନା ଜଣାଇଥିଲେ। ଏହି ଘଟଣା ରାଜ୍ୟର ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବ୍ୟବସ୍ଥାର ଚରମ ଅବ୍ୟବସ୍ଥାକୁ ପଦାରେ ପକାଇଥିବା ଅଭିଯୋଗ କରି କଂଗ୍ରେସ ନେତୃବୃନ୍ଦ କହିଥିଲେ ଯେ, ସରକାରଙ୍କ ପକ୍ଷରୁ ମୃତଦେହ ପରିବହନ ପାଇଁ ଯଥେଷ୍ଟ ବ୍ୟବସ୍ଥା ନ ଥିବାରୁ ଏକ ଗରିବ ପରିବାରକୁ ଏଭଳି ଅମାନବୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରତିନିଧିମଣ୍ଡଳ ପକ୍ଷରୁ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରାଯିବା ସହ



ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହାସହ ରାଜ୍ୟର ସମସ୍ତ ଅଂଚଳରେ ମହାପ୍ରୟାଣ ଶବବାହକ ସେବାକୁ ସୁଦୃଢ଼ ଓ ସୁବ୍ୟବସ୍ଥିତ କରିବାକୁ ମଧ୍ୟ ଦାବି କରାଯାଇଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ପରିବାରକୁ ଏପରି ଦୁଃଖଦ ଓ ଅମାନବୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼େ। ଏହି ପ୍ରତିନିଧିମଣ୍ଡଳରେ ଜିଲ୍ଲା ସଭାପତି ଜୀବନ ସାର୍ଥକଙ୍କ ସହ ପ୍ରଶାନ୍ତ ତ୍ରିପାଠୀ, ସଞ୍ଜୟ ମହାପାତ୍ର, ଦେବାନନ୍ଦ ବାରିକ, ଶାହରୁଖ ଖାନ, ରିୟାଜ ହୁସେନ, ସନ୍ତୋଷିନୀ କିସାନ ଓ ସମ୍ବରୁ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ବିବାଦରୁ ହତ୍ୟା : ୨ ଗିରଫ, ୧ ନାବାଳକ ଅଟକ

ଝାରସୁଗୁଡା,୧୦/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମୁଚବାହାଲ ମେଡିକାଲ ରୋଡ୍ ନିକଟରେ ଘଟିଥିବା ସୁରଜନ କୁମାର (୩୯) ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ନାବାଳକଙ୍କୁ ଆଇନ ଅନୁଯାୟୀ ଅଟକ ରଖାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଓ ଲାଠିକୁ ମଧ୍ୟ ଜବତ କରାଯାଇଛି। ରବିବାର ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲ୍ଲା ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଏସପିଙ୍କ କହିବାନୁସାରେ, ଗତ ଜୁଲାଇ ୨ ତାରିଖ ରାତିରେ ସୁରଜନ କୁମାର ଓ ଅଭିଯୁକ୍ତମାନେ ଏକାଠି ବସି ମଦ୍ୟପାନ କରୁଥିଲେ। ସେହି ସମୟରେ ପୁରୁଣା ବ୍ୟକ୍ତିଗତ ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ତୀବ୍ର ବଚସା ହୋଇଥିଲା। ପରେ ଉତ୍ୟକ୍ତ ହୋଇ ଅଭିଯୁକ୍ତମାନେ ପଥର ଓ ଲାଠିରେ ସୁରଜନଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଘଟଣା ପରେ ସେମାନେ ଫେରାର ହୋଇଯାଇଥିଲେ। ପରଦିନ ଅର୍ଥାତ୍ ଜୁଲାଇ ୩ ତାରିଖ ସକାଳେ ମୁଚବାହାଲ ମେଡିକାଲ ରୋଡ୍ ନିକଟରୁ ସୁରଜନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବରିଷ୍ଠ ପୋଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧) ଅନୁଯାୟୀ ମାମଲା ରୁଜୁ କରି ପୋଲିସ ସାକ୍ଷୀଙ୍କ ବୟାନ, ସିସିଟିଭି ଫୁଟେଜ୍ ଓ ଗୁଇନ୍ଦା ସୂଚନା ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଲଖନପୁର ବ୍ଲକ ଅନ୍ତର୍ଗତ ଅଇଁଲାଝରନ ଗ୍ରାମର ଅନିଲ କିଶାନ (୩୩) ଓ ବେଲପାହାଡ଼ କିଷାନପଡ଼ାର ଦିଲ୍ଲୀପ କିଶାନ ଓରଫ ଚୁନୁ (୨୬)। ଏହି ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ପଚରାଉଚରା ପରେ ବେଲପାହାଡ଼ ଥାନାରେ ଅଟକ ରଖାଯାଇଛି। ପୋଲିସ ଜବତ କରିଥିବା ପଥର, ଲାଠି ସମେତ ଅନ୍ୟାନ୍ୟ ସାମଗ୍ରୀକୁ ବୈଜ୍ଞାନିକ ପରୀକ୍ଷା ପାଇଁ ପଠାଯାଇଛି। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ମାମଲାରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି।

# ପୁରୀ–କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ହେଲା ନିୟମିତ : ଜୁଲାଇ ୧୧ରେ ପୁରୀରୁ ଏବଂ ଜୁଲାଇ ୧୨ରୁ କୋରାପୁଟରୁ କରିବ ଚଳାଚଳ

ସମ୍ବଲପୁର, ୧୦/୭(ନି/ପ୍ର): ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳପଥ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଗତ ୦୬ ଜୁଲାଇ ୨୦୨୬ ତାରିଖରେ ପୁରୀ ରେଳ ଷ୍ଟେସନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ–କୋରାପୁଟ–ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତମାନ ନିୟମିତ ଭାବେ ଚଳାଚଳ କରିବ। ଏହି ଟ୍ରେନ ୧୧ ଜୁଲାଇ ୨୦୨୬ ଠାରୁ ପୁରୀରୁ ଏବଂ ୧୨ ଜୁଲାଇ ୨୦୨୬ଠାରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ୍ ନଂ.୧୮୪୦୭ ପୁରୀ–କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ ଜୁଲାଇ ୨୦୨୬ଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଟ୍ରେନଟି ସକାଳ ୭:୦୦ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧:୩୦ଟାରେ କୋରାପୁଟରେ ପହଂଚିବ। ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ–ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୨ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ। ଏହା ସକାଳ ୫:୦୦ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦:୨୦ଟାରେ ପୁରୀରେ ପହଂଚିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ୍ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ। ଏହା ଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ। ଏହି ଟ୍ରେନରେ ସମୁଦାୟ ୧୮ଟି ଆଧୁନିକ ଏଲ୍ଏଚ୍ବି କୋଚ୍ ରହିବ। ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ତିନୋଟି ଏସି ତୃତୀୟ ଶ୍ରେଣୀ କୋଚ୍, ଆଠଟି ଶୟନଯାନ କୋଚ୍, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ କୋଚ୍ ରହିଛି, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କୁ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ପୁରୀ–କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ଆରମ୍ଭ ଓଡ଼ିଶାରେ ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗ ବିସ୍ତାର ଦିଗରେ ଭାରତୀୟ ରେଳପଥର ଆଉ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହି ଟ୍ରେନ୍ ସେବା ପର୍ଯ୍ୟଟନ, ତୀର୍ଥଯାତ୍ରା, ବାଣିଜ୍ୟ, ଶିକ୍ଷା ଏବଂ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ସହିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଦ୍ରୁତ ଓ ସୁବିଧାଜନକ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରୀମାନେ ଏହି ନୂତନ ଟ୍ରେନ ନଂ. ୧୮୪୦୭/୧୮୪୦୮ ପୁରୀ–କୋରାପୁଟ–ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ସେବାର ଲାଭ ଉଠାଇପାରିବେ। ଟ୍ରେନ୍ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ ଏନ୍କ୍ୱାରି ସିଷ୍ଟମ୍ କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ପରିଦର୍ଶନ କରି ଯାତ୍ରା ଯୋଜନା କରିବାକୁ ରେଳ କର୍ତୃପକ୍ଷଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି।

# ରାଉରକେଲା ସମାଚାର

## କେନ୍ଦ୍ର, ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଛାତ୍ର, ଯୁବ ଓ ଅଭିଭାବକଙ୍କ ବିକ୍ଷୋଭ




ରାଉରକେଲା,୧୦/୭(ନି/ପ୍ର): ଓଡ଼ିଶା ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷ ପାଇଁ ପ୍ରକାଶିତ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଠ୍ୟପୁସ୍ତକ ଗୁଡିକୁ ରେ ପ୍ରାୟ ୧୬୭୮ ଟି ତଥ୍ୟଗତ,ଭାଷାଗତ,ମୁଦ୍ରଣଗତ, ସଂପାଦନାଗତ ଓ ଅନ୍ୟାନ୍ୟ ଗୁରୁତର ତ୍ରୁଟି ପ୍ରକାଶନ କରାଯାଇଛି । ଏହି ଘଟଣା କେବଳ ସାଧାରଣ ବିଭ୍ରାଟ ନୁହେଁ ବରଂ ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ବି ଜେ ପି ସରକାର ଙ୍କ ଚରମ ଅବହେଳା, ପ୍ରଶାସନିକ ବିଫଳତା ଓ ଦାୟିତ୍ୱହୀନତା ର ଜ୍ୱଳନ୍ତ ପ୍ରମାଣ । ସେହିପରି ବାରମ୍ବାର ନିଟ ପ୍ରଶ୍ନପତ୍ର ଲିକ୍ ଘଟଣା ଓ ସେଥିଜନିତ ୨୨ ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ଦେଶର ଶିକ୍ଷା ବ୍ୟବସ୍ଥା ଯେ ବିପର୍ଯ୍ୟସ୍ତ ଓ ସରକାରୀ ଶିକ୍ଷା ବ୍ୟବସ୍ଥା କୁ ସମ୍ପୂର୍ଣ୍ଣ ଭାବରେ ବ୍ୟବସାୟୀକରଣ ପାଇଁ ସରକାରଙ୍କ ପ୍ରୋତ୍ସାହନ ପ୍ରଦାନ ଘଟଣାକୁ ପଦାରେ ପକାଇଛି । ଉଭୟ ଘଟଣା ପାଇଁ ଦାୟୀ ଓଡ଼ିଶା ରାଜ୍ୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଆଜି ଭାରତର ଛାତ୍ର ଫେଡେରେସନ ( ଏସ ଏଫ୍ ଆଇ), ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ( ଡି ୱାଇ ଏଫ୍ ଆଇ) ଓ ଅଭିଭାବକ ସଂଘ ପକ୍ଷରୁ ରାଉରକେଲା ଉଦିତ ନଗର ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ,ବିଶ୍ରା ଙ୍କ ଅଫିସ ସମ୍ମୁଖରେ ଛାତ୍ର,ଯୁବ ଓ ଅଭିଭାବକ ମାନଙ୍କ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଡି ୱାଇ ଏଫ୍ ଆଇ ପୂର୍ବତନ ସଭାପତି ଏଡଭୋକେଟ ରାଜ କିଶୋର ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ରେ ଅଭିଭାବକ ସଂଘ ର ରାଜ୍ୟ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ,ଡି ୱାଇ ଏଫ୍ ଆଇ ଜିଲ୍ଲା ସଭାପତି ଶେଖର ଶର୍ମା, ପୂର୍ବତନ ସଂପାଦକ ଚନ୍ଦ୍ରଭାନୁ ଦାସ,ଏସ ଏଫ୍ ଆଇ ନେତ୍ରୀ ମୁକ୍ତା ଦାଶ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଉଭୟ ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରିଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମ କୁ ସମର୍ଥନ କରି ସି ପି ଆଇ ଏମ୍, ରାଜ୍ୟ କମିଟି ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ଆଂଚଳିକ କମିଟି ନେତା ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ଏନ୍ ଏନ୍ ପାଣିଗ୍ରାହୀ,ଅରୁ ଦାସ, ବିନୟ ବେହୁରିଆ, ପ୍ରଭାତ ମହାନ୍ତି, ଦିବାକର, ଅଶୋକ ଦାସ,ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ସୁଧାଂଶୁ ଜେନା, ସମ୍ବିତ ସ୍ୱାଇଁ, ଅନାଦି ସାହୁ, ଲଲାଟେନ୍ଦୁ ନାୟକ,ପରେଶ ମହାନ୍ତି, ପ୍ରମୋଦ ପରିଡ଼ା,ରାଜୀବ ବସନ୍ତ ରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## କୁତ୍ରାରେ ଫୁଟିଲା ଗୁଳି: ପଥର ବୋଝେଇ ଟ୍ରକ ଉପରେ ୫ ରାଉଣ୍ଡ ଫାୟାରିଂ ଅଳ୍ପକେ ବର୍ତିଲେ ଡ୍ରାଇଭର



ରାଜଗାଙ୍ଗପୁର,୧୦/୭(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ କୁତ୍ରା ଥାନା ଅଚଂଳରେ ପୁଣି ଅପରାଧୀଙ୍କ ଦୌରାତ୍ୟ ଦେଖିବାକୁ ମିଳିଛି । କୁତ୍ରା ଥାନା ଅନ୍ତର୍ଗତ ଲିଟିବେଡା ଜଙ୍ଗଲ ନିକଟରେ ପଥର (ଚିପ୍ସ) ବୋଝେଇ ଏକ ଟ୍ରକ ଉପରକୁ ଦୁର୍ବୁନ୍ତମାନେ ୯/୭/ଗୁରୁବାର ଭୋର ୩ ରୁ ୪ ଟା ମଧ୍ୟରେ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି । ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତିଯାଇଥିବା ବେଳେ ଅଚଂଳରେ ଆତଙ୍କ ଖେଳିଯାଇଛି । ସୂଚନା ଅନୁସାରେ ଖଡକୁର ବାହାଲରୁ ପଥର ବୋଝେଇ ଟ୍ରକ ନେଇ ଡ୍ରାଇଭର ବନାରସି ଓରାମ (୨୩)ବର୍ଷୀୟ ଆଜି ଭୋର ୩,୩୦ ସକାଳୁ ଯାଉଥିବା ବେଳେ ଲିଟିବେଡା ଛକ ନିକଟରେ ଏକ ନିଛାଟିଆ ସ୍ଥାନରେ ଦୁଇଟି ବାଇକରେ ଆସିଥିବା ଚାରିଜଣ ଦୁର୍ବୃତ ଟ୍ରକକୁ ଅଟକାଇ ଆନ୍ଧାଧୁନ ଭାବେ ଗୁଳି ଚଳାଇଥିଲେ । ଦୁର୍ବୁନ୍ତମାନେ ପ୍ରାୟ ୫ ରାଉଣ୍ଡ ଗୁଳି ଚଳାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସୌଭାଗ୍ୟବଶତଃ ଏହି ଗୁଳିମାଡ଼ ରେ ଡ୍ରାଇଭର ବନାରସି ଓରାମଙ୍କର କୌଣସି କ୍ଷତି ହୋଇନାହିଁ ଏବଂ ସେ ଅଳ୍ପକେ ବର୍ତିଯାଇଛନ୍ତି । ଖବର ପାଇ କୁତ୍ରା ଥାନା ଭାରପ୍ରାପ୍ତ ଅଧିକାରୀ ଲୋକେଶ୍ୱର ସାହୁ ଟିମ ସହ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଅତିରିକ୍ତ ଅରକ୍ଷୀ ମଧ୍ୟ ସୂଚନା ପାଇ ତୁରନ୍ତ ଗଟଣା ସ୍ଥଳ ରେ ପହଁଚି ତଦନ୍ତ କରିଥିଲେ । ପୁଲିସ ଘଟଣାସ୍ଥଳରୁ ଗୁଳିର ଖୋକା ଜବତ କରିଥିବା ବେଳେ ସାଇଟିଫିକ୍ ଟିମ୍‌କୁ ମଧ ଖବର ଦିଆଯାଇଛି । ଘଟଣା ପଛରେ କେଉଁ କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି । ଅନ୍ୟପଟେ ଟ୍ରକ ମାଲିକ ଶାବନ ଲେହେରି କହିଛନ୍ତି ଯେ, ତାଙ୍କୁ ପୂର୍ବରୁ ଫୋନ ମାଧ୍ୟମରେ ବାରମ୍ବାର ଧମକ ମିଳୁଥିଲା ଏବଂ ଆଜି ସେହି ଧମକ ଗୁଳିମାଡ଼ ର ରୂପ ନେଇଛି । ଏହି ଘଟଣା ପଛରେ ଦାଦାବଟି କିମ୍ବା ଅନ୍ୟ କୌଣସି ଶତ୍ରୁତା ରହିଛି କି ଆଉକିଛି ରହସ୍ୟ ଲୁଚିରହିଛି ଏନେଇ ଆଜିପର୍ଯ୍ୟନ୍ତ କାହିଁକି ଥାନାରେ ଅଭିଯୋଗ କରିନଥିଲେ ତାହା ମଧ୍ୟ ଚିନ୍ତା ଜଣକ ? ତାହା ତଦନ୍ତ ପରେ ସ୍ପଷ୍ଟ ଜଣାପଡିବ !

## କୁମାରୀ ପ୍ରମିଳା ନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ରାଉରକେଲା,୧୦/୭(ନି/ପ୍ର): ଜିଲ୍ଲାର ଜଣେ ସମ୍ମାନସ୍ପଦ ବ୍ୟକ୍ତିତ୍ୱ ସୁଶ୍ରୀ ପ୍ରମିଳା ନାୟକଙ୍କ ବିୟୋଗରେ ସୁନ୍ଦରଗଡ଼ ଜିଲ୍ଲା ସମେତ ବିଭିନ୍ନ ଅଚଂଳରେ ଶୋକର ଛାୟା ଖେଳିଯାଇଛି । ୧୯୪୨ ରେ ଜନ୍ମିତ ପ୍ରମିଳା ଜିଲ୍ଲାର ଗରିବ, ଅସହାୟ, ନିରାଶ୍ରୟ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ତ୍ୟାଗ, ସଂଘର୍ଷ ଓ ସେବାର ସମନ୍ୱୟ ର ପ୍ରତୀକ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ସୂଚନାଯୋଗ୍ୟ ଯେ, ୫୦ ଦଶକରେ ତୁଡାଲଗା ଗ୍ରାମରେ ପ୍ରଥମ ଶିକ୍ଷୟିତ୍ରୀ,୧୯୬୨ ରେ ଗ୍ରାମ ସେବିକା,୧୯୬୬ ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଠାରୁ ପୁରସ୍କୃତ ଓ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମ୍ମାନିତ,୧୯୯୭-୯୮ ରେ ବେଦବ୍ୟାସ ଆଶ୍ରମର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ସାହାଯ୍ୟ, ସବଡେଗା ବ୍ଲକରେ ଅଙ୍ଗନବାଡି ପ୍ରତିଷ୍ଠା, ବିବାହ ନ କରି ଆଜୀବନ ସେବାର ଲକ୍ଷ୍ୟ, ୧୯୮୮ ରେ ସତ୍ୟସାଇଙ୍କ ଆଶ୍ରିତ ଓ ୨୦୨୬ ରେ ମହାପ୍ରୟାଣ । ନିଜର ସେବା, ବ୍ୟବହାର ପାଇଁ ସେ ସମସ୍ତଙ୍କର ନାନି / ଅପା ବା ବଡ଼ ଭଉଣୀ ପାଲଟି ଯାଇଥିଲେ । ତାଙ୍କର ବିୟୋଗରେ ତୁଡାଲଗା ଗ୍ରାମରେ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତି ତାଙ୍କ ପ୍ରତି ଜନସାଧାରଣଙ୍କ ଭଲପାଇବା ପ୍ରମାଣିତ କରିଥିଲା । ଅଶୋକ ରାଜଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭା ଓ ସର୍ବୋପରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପ୍ରାକ୍ତନ ବିଧାୟକ ଡ ପ୍ରଫୁଲ୍ଲ ମାଝୀ,ରଣଜିତ୍ ଭିତିରିଆ, ସମାଜସେବୀ ପି ପି ରାୟ, ଡ଼ଃ ସୁପ୍ରିୟା ପାଲ, ହରିହର ରାଉତରାୟ, ବଡ଼ଗାଁ ଜିଲ୍ଲା ପରିଷଦ ଅମୀୟ ପ୍ରଧାନ, ରଞ୍ଜନ ପଟେଲ, ଚୈତନ୍ୟ ମହାନ୍ତି, ସାମ୍ବାଦିକ କୁଞ୍ଜବିହାରୀ ରାଉତ, ରାଜକିଶୋର ଷଡ଼ଙ୍ଗୀ, ପଦ୍ମନାଭ ସାମଲ,ଗିରିଶ ମହାପାତ୍ର, ଗଦାଧର ନନ୍ଦ, ଧୁଳେଶ୍ୱର ସାହୁ, ସୁଶାନ୍ତ ଚୌଧୁରୀ, ପିଙ୍କୁ ଜୟସ୍ୱାଲ ପ୍ରମୁଖ ବକ୍ତବ୍ୟ ରଖି ନାନିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରିବାର ତରଫରୁ ପ୍ରାକ୍ତନ ବଡ଼ଗାଁ ବ୍ଲକ ଅଧକ୍ଷ ରାମଚନ୍ଦ୍ର ନାୟକ, ଡ ଅରୁଣ ନାୟକ,ସମର୍ପିତା ରାଉତ, ଆସ୍ଥା ନାୟକ, ଅଂଶ ନାୟକ, ପଙ୍କଜ ନାୟକ, ସୁଶାନ୍ତ ରାଉତ, ସୌରଭ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ଆଇଟିଆଇ କର୍ମକର୍ତ୍ତା, ବଡ଼ଗାଁ ନର୍ସିଂ କଲେଜ, ଲାୟନ୍ସ କ୍ଲବ୍, ସତ୍ୟସାଇ ଟ୍ରଷ୍ଟ ଙ୍କ ସମେତ ବହୁ ଅନୁଷ୍ଠାନ ଓ ସ୍ଥାନୀୟ ଅଚଂଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏହି ଅବସରରେ ଏକ ସ୍ମରଣିକା ଓ ରାଉରକେଲାର ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ତରଫରୁ ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା । ନାନି ଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟସଭା ସାଂସଦ ଦିଲିପ ରାୟ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାୟକ ଡା ସି ଏସ ରାଜନ ଏକ୍କା, ପ୍ରାକ୍ତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ୍, ପ୍ରାକ୍ତନ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାଶ, ଲାୟନ ମମତା ଗୌତମ,ଡ କାଳୀ ପ୍ରସାଦ ମିଶ୍ର,ଇଂ ମିଳନ ମହାପାତ୍ର, ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ,ଡ ନିବେଦିତା ରାଉତ, ଲିଙ୍ଗରାଜ ରଥ ପ୍ରମୁଖ ଶୋକ ପ୍ରକାଶ ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

## ଟିପିଡବ୍ଲୁଓଡିଏଲର ଖାମଖିଆଲି ନୀତି : ମାଟି ଉପରେ ମଣିଷ ମରା ଯନ୍ତା

ରାଉରକେଲା,୧୦/୭(ନି/ପ୍ର): ବେଦବ୍ୟାସ ବ୍ରାହ୍ମଣୀତରଙ୍ଗ ଥାନା ଅଧିନସ୍ଥ ରୋଡ କଡ଼ରେ ଥିବା ଏକ ଆପାର୍ଟମେଂଟ ପାଖରେ ଖୋଲା ମେଲାରେ ମାଟି ଉପରେ ଟାଟା ପାୱାର (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏକ ବିଜୁଳି ଟ୍ରାନ୍ସଫର୍ମର ଲଗା ଯାଇଛି । ଏଥିରେ ବିଦ୍ୟୁତ୍ ସରବରାହ ଅନବରତ ଚାଲୁଥିବା ବେଳେ, ଏହି ରାସ୍ତା ଦେଇ ଶହ ଶହ ଯାତ୍ରୀ ଯିବା ଆସିବା କରିବା ସହିତ ହଜାର ହଜାର ଗାଡ଼ି ମୋଟର ଯିବା ଆସିବା କରିଥାନ୍ତି । ରାସ୍ତା କଡ଼ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟାଟା ପାୱାର ବିଦ୍ୟୁତ ବିଭାଗ ଉଦାସୀନତା କାହିଁକି ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଅଚଂଳର ଜନସାଧାରଣ । ଏଥିସହିତ ଟ୍ରାନସଫର୍ମର ନିକଟରେ ଅନାବନା ଘାସ ଉଠିଛି, ଏହାକୁ ଖାଇବାକୁ ଆସି ପଶୁ ମୃତ୍ୟୁ ହେବାର ସମ୍ଭାବନା ରହିଛି । ଟିପିଡବ୍ଲୁଓଡିଏଲ୍ କର୍ମଚାରୀ ପ୍ରତିଦିନ ଏହି ରାସ୍ତା ଦେଇ ଯାଉଥିବା ବେଳେ, ସେମାନେ ଏହାକୁ ଅଣଦେଖା କରି ଚାଲିଯାଉଛନ୍ତି ।ଏପରି ପରିସ୍ଥିତିରେ କୌଣସି ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଲେ, ଏଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକମାନେ । ଟାଟା ପାୱାର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ୫୦୦ ମିଟର ଦୂରରେ ଥିବା ଅବହେଳିତ, ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ଟ୍ରାନ୍ସଫର୍ମର ମୃତ୍ୟୁର ଯନ୍ତା ପାଲଟିବ ନାହିଁତ !

## ବିଧାୟକଙ୍କ ହସ୍ତକ୍ଷେପ ଫଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟର ନବୀକରଣ ଆରମ୍ଭ



ରାଉରକେଲା,୧୦/୭(ନି/ପ୍ର): ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଚଂଳରେ ଥିବା ଇସ୍ପାତ ସହରାଚଂଳର ସେକ୍ଟର-୨ ସ୍ଥିତ ସରକାରୀ ବସଷ୍ଟାଣ୍ଡ ଠାରେ ଦୀର୍ଘ ୩୦ବର୍ଷ ତଳେ ସର୍ବସାଧାରଣଙ୍କ ବ୍ୟବହାର ନିମିତ ନିର୍ମାଣ ହୋଇଥିବା ଏକ ଶୌଚାଳୟଟି ନିୟମିତ ରକ୍ଷଣାବେକକ୍ଷଣା ଅଭାବ କାରଣରୁ ଦୟାନିୟ ଅବସ୍ଥାରେ ଥିଲା । ଶୌଚାଳୟଟିର ରକ୍ଷଣା ବେକ୍ଷଣା ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇବା ସତ୍ୱେ ଶୌଚାଳୟର ପୁନରୁଦ୍ଧାର ପାଇଁ ଆର ଏସ ପି ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନାହିଁ । ଶେଷରେ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ହସ୍ତକ୍ଷେପ ଏବଂ ପରାମର୍ଶକ୍ରମେ ରାଜ୍ୟ ସରକାର ମିଳାଦ ଯୋଜନାରେ ପରିତ୍ୟକ୍ତ ହୋଇ ପଡ଼ିଥିବା ଉକ୍ତ ଶୌଚାଳୟଟିକୁ ନବୀକରଣ ପାଇଁ ୬ଲକ୍ଷ ଟଙ୍କା ଅନୁଦାନ ଦେବାପରେ ଶୌଚାଳୟଟିର ନବୀକରଣ କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି ।

## ବରିଷ୍ଠ ସାମ୍ବାଦିକ ଦେବାଶିଷ ଦାଶଙ୍କ ମାତୃ ବିୟୋଗ

ଭୁବନେଶ୍ୱର /ନବରଙ୍ଗପୁର,୧୦/୭(ନି/ପ୍ର): ଉତ୍କଳମେଲର ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ତଥା ଓଡିଶା ସାମ୍ବାଦିକ ସଂଘ(ଓ ଜେୟୁ)ନବରଙ୍ଗପୁର ଜିଲ୍ଲାର ଉପସଭାପତି ଦେବାଶିଷ ଦାଶଙ୍କ ମାତୃଦେବୀ ଶୈଳବାଳା ଦାଶଙ୍କର ଆଜି ପରଲୋକ ଗମନ ହୋଇଯାଇଛି । (ଗୁରୁବାର) ସକାଳ ୭ଟା ୨୫ ମିନିଟ୍ ସମୟରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।ମୃତ୍ୟୁ ବେଳକୁ ତାଙ୍କର ସମସ୍ତ ପରିବାର ବର୍ଗ ମୃତ୍ୟୁ ଶଯ୍ୟାରେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଚଂଳ ସମେତ ଗଣମାଧ୍ୟମ ଜଗତରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସ୍ୱର୍ଗତ ଶୈଳବାଳା ଦାଶ ଜଣେ ଅତ୍ୟନ୍ତ ମେଳାପି, ଧର୍ମପରାୟଣା ଏବଂ ସ୍ନେହୀ ମହିଳା ଭାବେ ଆଖ ପାଖ ଅଂଚଳରେ ବେଶ୍ ପରିଚିତ ଥିଲେ । ନିଜ ପୁତ୍ର ଦେବାଶିଷଙ୍କୁ ଜଣେ ସଫଳ ଓ ସଚ୍ଚୋଟ ସାମ୍ବାଦିକ ଭାବେ ଗଢିତୋଳିବାରେ ତାଙ୍କର ପ୍ରେରଣା ଓ ତ୍ୟାଗ ଅତୁଳନୀୟ ଥିଲା । ତାଙ୍କର ଏହି ଅକାଳ ବିୟୋଗ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି ଆଣିଦେଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ ପୁତ୍ର ତଥା ଆଇନଜୀବୀ କୃଷ୍ଣ ପ୍ରସାଦ ଦାଶ, ସାନ ପୁଅ ସାମ୍ବାଦିକ ଦେବାଶିଷ ଦାଶ, ବଡ ଝିଅ ମଞ୍ଜୁଶ୍ରୀ, ସାନ ଝିଅ ମାନଶ୍ରୀ ଙ୍କ ସହ ପରିବାରର ସଦସ୍ୟ ଏବଂ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କ ବହୁ ଲୋକ ମାନେ ଉପସ୍ଥିତ ରହି ଶ୍ରୀମତୀ ଦାଶ ଙ୍କ ଶେଷ ଦର୍ଶନ କରିଥିଲେ । ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗ ଦ୍ୱାର ରେ ସମ୍ପନ୍ନ କରାଯାଇଛି । ବଡ ପୁଅ ଆଇନଜୀବୀ କୃଷ୍ଣ ପ୍ରସାଦ ମୁଖାଗ୍ନୀ ଦେଇଥିଲେ ।ମାତୃ ବିୟୋଗର ଏହି ଦୁଃଖଦ ସମୟରେ, ଉତ୍କଳ ମେଲ୍ ପକ୍ଷରୁ ଡ଼ ପୀତବାସ ମିଶ୍ର, ବିବେକାନନ୍ଦ ଦାସ, ରବୀନ୍ଦ୍ର ମହାନ୍ତି ପୁରୀ ଜିଲ୍ଲା ଗଣ ମାଧ୍ୟମ ପ୍ରତିନିଧି ଶ୍ରୀଯୁକ୍ତ ଜୟ କୃଷ୍ଣ ଦାସ ଙ୍କ ସହ ବିଭିନ୍ନ ସାମ୍ବାଦିକ ସଂଘ, ରାଜ୍ୟ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଏବଂ ସାମାଜିକ କର୍ମୀ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ସିଆଇଏସ୍‌ସିଇ ସ୍କୁଲ ଗେମ୍ ଜୋନାଲ ଟାଇକଣ୍ଡୋ ପ୍ରତିଯୋଗିତା

ବଲାଙ୍ଗୀର,୧୦/୭(ନି/ପ୍ର): ବଲାଙ୍ଗୀର ଲିଟିଲ ଫ୍ଲାୱାର ସ୍କୁଲ ପରିସରରେ ସ୍କୁଲ ଗେମ ଫେଡେରେସନ ଅଫ୍ ଇଣ୍ଡିଆ ଅଧିନସ୍ଥ ସିଆଇଏସ୍‌ସିଇ ଜୋନାଲ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତାରେ ଟାଇକଣ୍ଡୋ କୋଚ ତଥା ଜାତୀୟ ସ୍ତରୀୟ ରେଫରି ଅସିମ କୁମାର ଭୋଇ ମୁଖ୍ୟ ରେଫରି ଦାୟିତ୍ୱ ତୁଲାଇଥିବା ସହ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ତାଙ୍କର ନିରପେକ୍ଷ ନିର୍ଣ୍ଣୟ ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା । ଏଥିରେ ବଲାଙ୍ଗୀର ଜିଲ୍ଲା ଟାଇକଣ୍ଡୋ ସଂଘର ବାଳିକା କ୍ୟୁରୁଗି ବିଭାଗରେ ସନ୍ଭି ପ୍ରଧାନ ସ୍ୱର୍ଣ୍ଣପଦକ, ଅଭିଲାଷା ଚୌଧୁରି ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବାଳକ ଖ୍ୟୁରୁଗି ବିଭାଗରେ ସିମାଦ୍ରି ଆଦେଶ ସ୍ୱର୍ଣ୍ଣ ପଦକ, ଅଙ୍କନ ଦୀପ ସ୍ୱର୍ଣ୍ଣପଦକ ଓ ଚର୍ଚ୍ଚିତ ସାହୁ ରୌପ୍ୟ ପଦକ ହାସଲ କରିଥିଲେ । ଛାତ୍ର ଛାତ୍ରୀଙ୍କ ମାନସିକ ଓ ଶାରିରୀକ ବିକାଶ ପାଇଁ ଟାଇକଣ୍ଡୋ ଭଳି ଆତ୍ମରକ୍ଷା କ୍ରୀଡ଼ାର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସ୍କୁଲ ଅଧକ୍ଷା ସିଷ୍ଟର ଲୁସି କହିଥିଲେ । ବିଦ୍ୟାଳୟର ପିଇଟି ଦେବାଶିଷ ମହାପାତ୍ର ଓ ପ୍ରଭାତ ଦାଶ ପ୍ରତିଯୋଗିତାକୁ ସହଯୋଗ କରିଥିଲେ । ଏହି ଅବସରରେ ବିଜେତା କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

## ଠାକୁରପାଟଣା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂତନ ପରିଚାଳନା କମିଟି ଗଠନ

କେନ୍ଦ୍ରାପଡ଼ା,୧୦/୭(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ଠାକୁରପାଟଣା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି(ପିତା-ମାତା ଓ ଶିକ୍ଷକ ପିଟିଏ) ନୂତନ କରି ସ୍କୁଲର ପରିଚାଳନା କମିଟି କରାଗଲା । ଏହି ସ୍କୁଲ ପରିଚାଳନା କମିଟି ରେ ଚୟନ ଉପସ୍ଥିତ ଥିଲେ କଲ୍ଲଷ୍ଟର ର ସି ଆର ସି ଅକ୍ଷୟ କୁମାର ପୋଥାଳ ଉପସ୍ଥିତ ରେ ସ୍କୁଲ ପ୍ରଧାନ ଶିକ୍ଷକ ଚକ୍ରଧର ନାୟକ, ସହକାରୀ ଶିକ୍ଷୟତ୍ରୀ ମମତା ରାଉତ, ମମତା ମହାନ୍ତି ପୂର୍ବତନ ସଭାପତି ରବୀନ୍ଦ୍ର ଘୋଷ, ବଟକୃଷ୍ଣ ସାହୁ ଉପସ୍ଥିତ ରେ ଏହି ସ୍କୁଲ ପରିଚାଳନା କମିଟି ଗଠନ କରାଗଲା । ଏହାର ଉଦେଶ୍ୟ ସ୍କୁଲ ର ପାଠପଢା କିପରି ଉଚ୍ଚ କୋଟି ହୋଇପାରିବ ଏବଂ ସ୍କୁଲ ସର୍ବାଗିନ ଉନ୍ନତି ମୂଳକ କାଯ୍ୟକ୍ରମ ଉପରେ ଚେଷ୍ଟା କରିବା ସହିତ ଶହେରୁ ଅଧିକ ଅଭିଭାବକଙ୍କ ସହମତି କ୍ରମେ ସ୍କୁଲ ପରିଚାଳନା କମିଟି ସ୍ଥାନ୍ତିଶୃଙ୍ଖଳା ସହ ଚୟନ କରିଥିଲେ ।

## ଜୁଲାଇ ୧୪ରେ ସମସ୍ତ ପୌରାଚଂଳରେ ପାଳନ ହେବ 'ନମସ୍ତେ ଦିବସ'



ଭୁବନେଶ୍ୱର,୧୦/୭(ନି/ପ୍ର):ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୧୪ ତାରିଖରେ ରାଜ୍ୟର ସମସ୍ତ ପୌରାଚଂଳରେ (ୟୁଏଲ୍‌ବି)ରେ 'ନମସ୍ତେ ଦିବସ' ପାଳନ କରାଯିବ । ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଚଂଳ ପରିଷଦକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଚଂଳ ବ୍ୟାପାର ମନ୍ତ୍ରଣାଳୟର 'ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍ (ଘଇଗଇଝଞର)' କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସମସ୍ତ ମହାନଗର ନିଗମ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ସ୍ତରରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ସ୍ୱଚ୍ଛ ଭାରତ ମିଶନ (ସହରାଚଂଳ) ଆଇଇ ସି ପାଣ୍ଠିର ଉପଯୋଗ ଅନୁମୋଦିତ ଆର୍ଥିକ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭାଗ ଅନୁମୋଦନ କରିଛି । ସ୍ୱଚ୍ଛତା କର୍ମୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୟୁନିଫର୍ମ ପିନ୍ଧି ଏକତ୍ରିତ ହେବେ, ଯେଉଁଥିରେ ଘଇଗଇଝଞର ଏବଂ ସ୍ୱଚ୍ଛ ଭାରତ ମିଶନର ଲୋଗୋ ଥିବା ବ୍ୟାନର ପ୍ରଦର୍ଶିତ ହେବ । ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣକାରୀ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଟଂନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଟଂନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ ।

## ପ୍ରଥମ ତ୍ରୈମାସିକ ରପ୍ତାନି ୩୬,୦୩୩ ଟନରେ ପହଚଂିବା ସହ ସେଲ୍, ଆରଏସପିର ବିଶ୍ୱସ୍ତରୀୟ ପହଚଂ ସୁଦୃଢ଼



ରାଉରକେଲା,୧୦/୭(ନି/ପ୍ର): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ମୁଖ୍ୟତଃ ନିୟୁ ପ୍ଲେଟ୍ ମିଲ୍ ର ସନ୍ତୁଳିତ ଉତ୍ପାଦନ ଏବଂ ଏକ ସୁଚିନ୍ତିତ ରପ୍ତାନି ଚାଲାଣ ରଣନୀତି ଯୋଗୁଁ ଚଳିତ ଆର୍ଥିକ ବର୍ଷର ଜୁନ୍ ମାସ ଏବଂ ପ୍ରଥମ ତ୍ରୈମାସିକକୁ ଏକାଧିକ ଉତ୍ସାହଜନକ କାର୍ଯ୍ୟ ଓ ବାଣିଜ୍ୟିକ ସଫଳତା ସହ ଶେଷ କରିଛି । ଜୁନ୍ ମାସରେ, ନିୟୁ ପ୍ଲେଟ୍ ମିଲ୍ ବିଦେଶୀ ଗ୍ରାହକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସଠିକ୍ ପରିମାଣକୁ ପୂରଣ କରି ସମୁଦାୟ ୧୪,୧୪୪ ଟନର ରପ୍ତାନି ହାସଲ କରିଛି । ଏପ୍ରିଲ୍-ଜୁନ୍ ତ୍ରୈମାସିକ ପାଇଁ ନିୟୁ ପ୍ଲେଟ୍ ମିଲ୍‌ରୁ ପ୍ଲେଟ୍ ରପ୍ତାନି ୨୬,୮୧୧ ଟନରେ ପହଚଂିଥିବା ବେଳେ ଏହି ତ୍ରୈମାସିକ ମଧ୍ୟରେ ଏଚ୍‌ଆର କଏଲ୍ ରପ୍ତାନି ୮,୩୧୩ ଟନ୍ ଏବଂ ଏଚ୍‌ଆର ପ୍ଲେଟ୍ ରପ୍ତାନି ୯୦୯ ଟନ୍ ରହିଥିଲା । ପ୍ରଥମ ତ୍ରୈମାସିକ ପାଇଁ ସମୁଦାୟ ମିଳିତ ରପ୍ତାନି ପରିମାଣ ୩୬,୦୩୩ ଟନ୍ ଥିଲା, ଯାହା ଆନ୍ତର୍ଜାତୀୟ ବଜାରରେ ଆରଏସପିର ବଢୁଥିବା ଉପସ୍ଥିତିକୁ ପ୍ରତିପାଦିତ କରୁଛି । ଏହି ସଫଳତା ଆରଏସପିର ରପ୍ତାନି ଅର୍ଡର ପ୍ରେରଣକୁ ସର୍ବାଧିକ କରିବା ଏବଂ ଉଭୟ ଦେଶୀୟ ତଥା ଆନ୍ତର୍ଜାତୀୟ ଗ୍ରାହକଙ୍କ ସେବା ପାଇଁ ଉନ୍ନତ ଉତ୍ପାଦନ କ୍ଷମତାର ଉପଯୋଗ କରିବାର ସୁଚିନ୍ତିତ ନୀତିକୁ ପ୍ରତିଫଳିତ କରେ । ନିଶ୍ଚିତ ହୋଇଥିବା ଅର୍ଡରଗୁଡ଼ିକ ସହିତ ଉତ୍ପାଦନ ସୂଚୀକୁ ସମନ୍ୱିତ କରି ଏବଂ ସରଳୀକୃତ ସାମଗ୍ରୀ ପ୍ରବାହ ଓ ପରିବହନ ମାଧ୍ୟମରେ ପରିଚାଳନା ସମୟକୁ ହ୍ରାସ କରି, କାରଖାନା ବିତରଣର ବିଶ୍ୱସନୀୟତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିଛି । ସିଧାସଳଖ ଚାଲାଣ (ଡାଇରେକ୍ଟ ଡେସପାଚ୍) ମାର୍ଗ ଉପରେ ଗୁରୁତ୍ୱ ଦେବା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ଗଚ୍ଛିତ ଜନିତ ପରିଚାଳନା ଆହୁରି ହ୍ରାସ ପାଇଛି, କାର୍ଯ୍ୟ ସମ୍ପାଦନ ସମୟ କମିଛି ଏବଂରେଳ ଡେମରେଜ୍ (ବିଳମ୍ବ ଶୁଳ୍କ) ର ବିପଦ ହ୍ରାସ ପାଇଛି, ଯାହା ଫଳରେ ସାମଗ୍ରିକ ଗ୍ରାହକ ସନ୍ତୋଷ ବୃଦ୍ଧି ପାଇଛି । ଆରଏସପିର ସୁଦୃଢ଼ ପ୍ରତ୍ୟକ୍ଷ-ଚାଲାଣ (ଡାଇରେକ୍ଟ-ଡେସପାଚ୍) ପ୍ରଦର୍ଶନ ମଧ ପ୍ରମୁଖ ଦେଶୀୟ କ୍ଷେତ୍ରଗୁଡିକୁ ନିରନ୍ତର ଏବଂ ବିଶ୍ୱସନୀୟ ଯୋଗାଣ ସୁନିଶ୍ଚିତ କରି ଭାରତୀୟ ଇସ୍ପାତ ବଜାରରେ ସେଲ୍ ର ନେତୃତ୍ୱ ସ୍ଥାନକୁ ଅଧିକ ମଜବୁତ କରୁଛି । ଏଥି ସହିତ, ବୃଦ୍ଧି ପାଉଥିବା ରପ୍ତାନି ପରିମାଣ କମ୍ପାନୀର ଗ୍ରାହକ ଭିତିଭୂମିକୁ ବିବିଧ କରିବା ଏବଂ ପ୍ରାଥମିକତା ବିଶିଷ୍ଟ ବିଦେଶୀ ଗନ୍ତବ୍ୟ ସ୍ଥଳଗୁଡିକରେ ଚାହିଦା ପୂରଣ କରିବାର ରଣନୀତିକ ଉଦ୍ଦେଶ୍ୟକୁ ସହାୟତା କରୁଛି । ପ୍ରଥମ ତ୍ରୈମାସିକର ଏହି ସଫଳତାକୁ ଆଧାର କରି, ଆରଏସପି ଗ୍ରାହକ-କେନ୍ଦ୍ରୀତ ପ୍ରେରଣ ରଣନୀତିକୁ ପ୍ରାଥମିକତା ଦେବା, ନିଜର ରପ୍ତାନି ପହଁଚକୁ ସୁଦୃଢ଼ କରିବା ଏବଂ ଅର୍ଡର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଉତ୍ପାଦନ ଶୃଙ୍ଖଳା ବଜାୟ ରଖିବା ଜାରି ରଖିବ । ପରିକଳ୍ପିତ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ରପ୍ତାନିକୁ ସମର୍ଥନ କରିବା ପାଇଁ ଅର୍ଡର-ଟୁ-ଡେଲିଭରିର ସୂକ୍ଷ୍ମ ସମନ୍ୱୟ, ଫିନିସିଂ ମିଲ୍‌ଗୁଡ଼ିକରେ କ୍ଷମତାର ସଦୁପଯୋଗ ଏବଂ ପରିବହନ ବ୍ୟବସ୍ଥାରେ ନିରନ୍ତର ସୁଧାର ଅନ୍ତର୍ଭୁକ୍ତ ଅଟେ ।